بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 8

ବାର୍ଷିକ ଦେୟ: ୬୦୦/-

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା 12-13

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

23-30 ମାର୍ଚ୍ଚ 2023    23-30 ଅମାନ 1402 ହି.ଶ    30 ଶାବାନ-07ରମଜାନ 1444 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَمَنۡ کَانَ مَرِیۡضًا اَوۡ عَلٰی سَفَرٍ فَعِدَّۃٌ مِّنۡ اَیَّامٍ اُخَرَ ؕ یُرِیۡدُ اللّٰہُ بِکُمُ الۡیُسۡرَ وَلَا یُرِیۡدُ بِکُمُ الۡعُسۡرَ ۫ وَلِتُکۡمِلُوا الۡعِدَّۃَ وَلِتُکَبِّرُوا اللّٰہَ عَلٰی مَا ہَدٰىکُمۡ وَلَعَلَّکُمۡ تَشۡکُرُوۡنَ (بقرہ:186)

ଅନୁବାଦ-ଏବଂ ଯେଉଁ ବ୍ୟକ୍ତି ପୀଡ଼ିତ ଥାଏ ବା ଯାତ୍ରା କରୁଥାଏ ତାହାକୁ ଅନ୍ୟାନ୍ୟ ଦିନରେ ଏହି ସଂଖ୍ୟା ପୂରଣ କରିବାକୁ ହେବ ; ଅଲ୍ଲାଃ ତୁମମାନଙ୍କ ପାଇଁ ସହଜତା ଇଚ୍ଛା କରନ୍ତି; ଏବଂ ତୁମମାନଙ୍କ ପାଇଁ କଠିନତା ଇଚ୍ଛା କରନ୍ତି ନାହିଁ । ଯଦ୍ଦ୍ୱାରା ତୁମେମାନେ (ନିର୍ଦ୍ଦିଷ୍ଟ) ସଂଖ୍ୟା ପୂରଣ କରିପାରିବ ; ଏବଂ ଅଲ୍ଲାଃ ତୁମମାନଙ୍କୁ ସତ୍ପଥ ଦେଖାଇଥିବାରୁ ତାଙ୍କ ମହିମା ଗାନ କର ।

(ଅଲ-ବକରାଃ: ୧୮୬)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ମସିହ ମଉଦ ସଂ- ୦୨

# ଦଶ ଶରାୟତେ ବୟତ (ଅର୍ଥାତ ଅହମଦିୟା ସଂପ୍ରଦାୟରେ ଦୀକ୍ଷିତ ହେବା ପାଇଁ ଦଶଟି ସର୍ତ୍ତାବଳୀ)

(୧). **ପ୍ରଥମ:** ଏହା ଯେ ଦୀକ୍ଷାକାରୀ ନିର୍ମଳ ହୃଦୟରେ ଦୃଢ଼ ସଂକଳ୍ପ କରୁ ଯେ ଭବିଷ୍ୟତରେ ମୃତ୍ୟୁ ବରଣ କରିବା ପର୍ଯ୍ୟନ୍ତ ସେ ଶିର୍କ (ଅନେକେଶ୍ୱରବାଦ)ରୁ ଦୂରେଇ ରହିବ ।

(୨). **ଦ୍ୱିତୀୟ:** ଏହା ଯେ ମିଥ୍ୟା ତଥା ବ୍ୟଭିଚାରକୁ ବର୍ଜନ କରିବ ଏବଂ ପ୍ରତ୍ୟେକ ପ୍ରକାର ଅସତକର୍ମ, ଅତ୍ୟାଚାର, ଅସାଧୁତା, କଳହ ଓ ବିଦ୍ରୋହାତ୍ମକ କାର୍ଯ୍ୟ ଗୁଡ଼ିକରୁ ନିବୃତ ରହିବ । ତାମସିକ ଆବେଗ ସମୟରେ ତାହା ଯେତେ ତୀବ୍ର ହେଉନା କାହିଁକି ସେ ତାହାର ବଶୀଭୁତ ହେବନାହିଁ ।

(୩). **ତୃତୀୟ:** ଏହା ଯେ ଅଲ୍ଲାଃ ଓ ରସୁଲଙ୍କ ଆଦେଶନୁଯାୟୀ କୌଣସି ଅବହେଳା ନକରି ପାଂଚବେଳା ନମାଜ ସୂଚାରୁ ରୂପେ ପାଠ କରିବ ଏବଂ ଯଥାକ୍ଷମ ତହଜ୍ଜୁଦ୍ ନମାଜ ପଢ଼ିବା ସହିତ ଶ୍ରେଷ୍ଠ ନବୀ ମୁହମ୍ମଦ୍ ସ ଅ ସଙ୍କ ପ୍ରତି ଦରୁଦ୍ ପ୍ରେରଣ କରିବ । ପ୍ରତ୍ୟେକ ଦିନ ନିଜ ପାପ କର୍ମ ଜନିତ ଦୋଷ ଓ ଦୁର୍ବଳତା ମାର୍ଜନା ନିମନ୍ତେ ନିରନ୍ତର କ୍ଷମାପ୍ରାର୍ଥନା କରିବ ତଥା ଆନ୍ତରିକ ପ୍ରେମ ସହିତ ଅଲ୍ଲାଃଙ୍କର ଅନୁଗ୍ରହମାନଙ୍କୁ ସ୍ମରଣ କରି ତାହାଙ୍କ ପ୍ରଶଂସା ଓ ଗୁଣଗାନ କରିବାକୁ ନିଜର ନିତି ଦିନିଆ କର୍ତ୍ତବ୍ୟ ରୂପେ ବିବେଚନା କରିବ ।

(୪). **ଚତୁର୍ଥ:** ଏହା ଯେ ସାଧାରଣତଃ ସମସ୍ତ ମାନବସମାଜ ଏବଂ ବିଶେଷତଃ ମୁସଲମାନମାନଙ୍କୁ ନିଜର ତାମସିକ ଆବେଗ ସମୟରେ କୌଣସି ପ୍ରକାରର ଅନୁଚିତ କଷ୍ଟ ପହଂଚାଇବ ନାହିଁ । ନା କଥାରେ, ନା ହାତରେ, ନା ଅନ୍ୟ କୌଣସି ପ୍ରକାରେ ।

(୫). **ପଂଚମ:** ଏହା ଯେ ପ୍ରତ୍ୟେକ ପରିସ୍ଥିତି ଯେପରି ସୁଖ ଦୁଃଖ, ସୁବିଧା ଅସୁବିଧା, ସଂପଦ ଓ ବିପଦରେ ଅଲ୍ଲାତାଲାଙ୍କ ସହିତ ନିଷ୍ଠାଭାବ ରଖିବ ଓ ଭକ୍ତି କରିବ । ପ୍ରତ୍ୟେକ ସ୍ଥିତିରେ ଅଲ୍ଲାଃଙ୍କ ନିଷ୍ପତି ଉପରେ ସନ୍ତୁଷ୍ଟ ରହିବ । ତାହାଙ୍କ ମାର୍ଗରେ ପ୍ରତ୍ୟେକ ପ୍ରକାର ଦୁଃଖ ଓ ଅପମାନକୁ ମୁଣ୍ଡପାତି ସ୍ୱୀକାର କରିବାକୁ ତତ୍ପର ରହିବ । କୌଣସି ବିପତି ଆସିଲେ ପଛକୁ ହଟି ନଯାଇ ଆଗକୁ ପାଦ ବଢ଼ାଇବ ।

(୬). **ଷଷ୍ଠ:** ଏହା ଯେ କୁସଂସ୍କାର ଗ୍ରସ୍ତ ହୋଇ ବସ୍ତୁଲାଳସା ତଥା ଅଯଥା ଆଶା ଓ ଆକାଂକ୍ଷା ରଖି କୁପଥରେ ଚାଲିବାରୁ ନିଜକୁ ନିବୃତ ରଖିବ, ପବିତ୍ର କୁରଆନ୍‌ର ଆଦେଶଗୁଡ଼ିକୁ ସଂପୂର୍ଣ୍ଣ ମନପ୍ରାଣରେ ଗ୍ରହଣ କରିବ ଏବଂ ଅଲ୍ଲାଃ ଓ ରସୁଲଙ୍କ ଆଦେଶକୁ ନିଜର ପ୍ରତ୍ୟେକ ଅବସ୍ଥାରେ କାର୍ଯ୍ୟସୂଚୀ ରୂପେ ବିବେଚନା କରିବ ।

(୭). **ସପ୍ତମ:** ଏହା ଯେ ଅହଙ୍କାର ଓ ଅଭିମାନକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରିବ ଏବଂ ଶାଳୀନତା ରକ୍ଷା କରି ସଦାଚାରୀତା, ଦୀନହୀନତା ଓ ନିରୀହତା ତଥା ନମ୍ରତା ପୂର୍ବକ ଜୀବନ ଅତିବାହିତ କରିବ ।

(୮). **ଅଷ୍ଟମ:** ଏହା ଯେ ଧର୍ମ ଓ ଧର୍ମର ପ୍ରତିଷ୍ଠା ଏବଂ ଇସଲାମ ପ୍ରତି ସହାନୁଭୂତିକୁ ନିଜ ପ୍ରାଣ, ନିଜ ଧନ, ନିଜ ମାନ ମର୍ଯ୍ୟାଦା, ନିଜ ସନ୍ତାନ ତଥା ନିଜର ପ୍ରତ୍ୟେକ ଆତ୍ମୀୟ ସ୍ୱଜନଙ୍କ ଠାରୁ ଅଧିକ ମନେ କରିବ ।

(୯).**ନବମ:** ଏହା ଯେ ପ୍ରଭୁଙ୍କର ସମସ୍ତ ସୃଷ୍ଟି ପ୍ରତି କେବଳ ଅଲ୍ଲାଃଙ୍କ ପାଇଁ ସହାନୁଭୂତି ପ୍ରଦର୍ଶନ କରିବାରେ ଲାଗିରହିବ ଏବଂ ଯଥା ସମ୍ଭବ ନିଜର ଈଶ୍ୱର ପ୍ରଦତ୍ତ ଶକ୍ତି ଓ ଆଶୀର୍ବାଦ ଦ୍ୱାରା ମାନବ ସମାଜକୁ ଲାଭ ପ୍ରଦାନ କରିବ ।

(୧୦). **ଦଶମ:** ଏହା ଯେ ଏହି ବିନୀତ ସହ କେବଳ ମାତ୍ର ପ୍ରଭୁଙ୍କ ପାଇଁ ଭ୍ରାତୃଭାବ ଜନିତ ପୂଣ୍ୟାଦେଶ ପାଳନ କରି ମୃତ୍ୟୁ ପର୍ଯ୍ୟନ୍ତ ତା' ଉପରେ ପ୍ରତିଷ୍ଠିତ ରହିବ ଏବଂ ଉକ୍ତ ଭ୍ରାତୃଭାବ ଏପରି ଉଚ୍ଚକୋଟିର ହୋଇଥିବ, ଯାହାର ଉଦାହରଣ ସାଂସାରିକ ସମ୍ବନ୍ଧ ଓ ସମସ୍ତ ସେବାମୂଳକ ଅବସ୍ଥାରେ ଦୃଷ୍ଟିଗୋଚର ହେଉ ନଥିବ ।

**(ଇସ୍ତିହାର ତକ୍‌ମିଲେ ତବଲିଗ୍, ୧୨ ଜାନୁଆରୀ ୧୮୮୯)**

# ଅହେମଦୀୟା ସମ୍ପ୍ରଦାୟର ବିକାଶ ବିଷୟରେ ହଜରତ ମସିହ ମଉଦ ଆଲୈସଲାତୁ ସଲାମଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଏଲହାମାତ (ଐଶୀବାଣୀ/ଭବିଷ୍ୟବାଣୀ)

(ଜମାଲ ଶରିୟତ, ମୁରବୀ ସିଲସିଲା, ନୁରୁଲ ଇସଲାମ କାଦିଆନ)

**ଜମାତର ବିକାଶ ବିଷୟରେ ଭବିଷ୍ୟବାଣୀ**

ଏହି ମିଶନର ପୂର୍ଣ୍ଣତା ତଥା ଏହାର ଶିକ୍ଷାର ପ୍ରଚାର ପ୍ରସାର ବିଷୟରେ ହଜରତ ମସିହ ମଉଦ ଆ ସଙ୍କର ଗୋଟିଏ ମହାନ ଭବିଷ୍ୟବାଣୀ ରହିଛି,ଯାହା ସହିତ ଆପଣ ଆ ସଙ୍କୁ ପ୍ରେରଣ କରାଯାଇଥିଲା,ଏବଂ ସେହି ଭବିଷ୍ୟବାଣୀ ସେତେବେଳେ କରାଯାଇଥିଲା ଯେତେବେଳେ ତାହାକୁ ପୂରଣ କରିବା ପାଇଁ କୌଣସି ସାଧନ ବା ସାମଗ୍ରୀ ନଥିଲା । ବରଂ ଏହାର ବିପରୀତ ବିରୋଧିମାନେ ଏହି ଶିକ୍ଷାର ପ୍ରକାଶନରେ ବାଧା ସୃଷ୍ଟି କରୁଥିଲେ ଏବଂ ଏହାକୁ ଧରାପୃଷ୍ଠରୁ ବିଲୋପ କରିବାକୁ ଚାହୁଁଥିଲେ । ଅତଏବ ସେହି ଭବିଷ୍ୟବାଣୀଟି ହେଉଛି ଏପରି : "ମୌଁ ତେରୀ ତବଲୀଗ୍ କୋ ଜମୀନ କେ କିନାରୋଁ ତକ୍ ପଂହଚଂାଉଙ୍ଗା''(ଅର୍ଥାତ ମୁଁ ତୁମର ବାର୍ତାକୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତାର କରିଦେବି)
***(ତଜକରାଃ,ପୃ-୩୧୨,ଚତୁର୍ଥ ସଂସ୍କରଣ)***

"ମୌଁ ତେରେ ଖାଲିସ ଦିଲୀ .... ଔର ଉନ ମେଁ କସରତ୍ ବଖ୍ଶୁଙ୍ଗା''(ଅର୍ଥାତ ମୁଁ ତୁମର ଶୁଦ୍ଧ ତଥା ଆନ୍ତରିକ ଭକ୍ତମାନଙ୍କ ଗୋଷ୍ଠୀକୁ ବୃଦ୍ଧି କରିବି ଏବଂ ସେମାନଙ୍କ ଧନ ଓ ଜନରେ ଆଶୀଷ ଭରିଦେବି(ଅର୍ଥାତ ବୃଦ୍ଧି କରିବି) ଏବଂ ସେମାନଙ୍କୁ ବହୁଳ ସଂଖ୍ୟକ କରିଦେବି)
***(ତଜକରାଃ,ପୃ-୧୪୧,ଚତୁର୍ଥ ସଂସ୍କରଣ )***

(ଅଲ୍ଲାଃତାଲା)ଏହି (ଅହେମଦୀ ଗୋଷ୍ଠୀ)କୁ ବଢାଇବେ ଏପରିକି ଏମାନଙ୍କ ପ୍ରଚୁରତା ଏବଂ ଏମାନଙ୍କ ଉପରେ ଅବତୀର୍ଣ୍ଣ ହେଉଥିବା ଆଶୀର୍ବାଦ ଆଖିକୁ ଆଶ୍ଚର୍ଯ୍ୟଚକିତ କରିଦେବା *ୟାତୁନା ମିନ କୁଲ୍ଲି ଫଜ୍ଜିନ୍ ଅମୀକ୍*
***(ତଜକରାଃ,ପୃ-୨୯୭,ଚତୁର୍ଥ ସଂସ୍କରଣ )***
ଅର୍ଥାତ ବିଶ୍ୱର ପ୍ରତ୍ୟେକ ଦେଶରୁ ଲୋକମାନେ ତୁମ ଜମାତରେ ଯୋଗଦେବାକୁ ଆସିବେ । ଇନ୍ନା ଆତୈନକା ଅଲ୍‌କୌସର
***(ତଜକରାଃ,ପୃ-୪୭୬,ଚତୁର୍ଥ ସଂସ୍କରଣ )***
ଅର୍ଥାତ ଆମେ ତୁମକୁ ପ୍ରତ୍ୟେକ ଜିନିଷରେ ପ୍ରଚୁରତା ପ୍ରଦାନ କରିବୁ,ସେଥିରେ ଜମାତ ବି ସାମିଲ ରହିଛି । ଇଂଗ୍ରାଜୀରେ ମଧ୍ୟ ହଜରତ ମସିହ ମଉଦ ଆ ସଙ୍କୁ ଏ ବିଷୟରେ ଏଲହାମ (ଐଶୀବାଣୀ) ହୋଇଛି । I shal give you a large party of Islam
***(ତଜକରାଃ,ପୃ-୧୦୩,ଚତୁର୍ଥ ସଂସ୍କରଣ )***
ଅର୍ଥାତ ମୁଁ ତୁମକୁ ମୁସଲମାନମାନଙ୍କର ଗୋଟିଏ ବଡ ଦଳ ପ୍ରଦାନ କରିବି । ସୁଲ୍ଲତୁନ ମିନଲ ଅୱଲିନା ୱ ସୁଲ୍ଲତୁନ ମିନଲ୍ ଆଖିରୀନ ଅର୍ଥାତ ପ୍ରଥମମାନଙ୍କ ମଧ୍ୟରୁ ଏବଂ ପୂର୍ବମାନଙ୍କ ମଧ୍ୟରୁ ଏକ ବୃହତ ଗୋଷ୍ଠୀ ତୁମକୁ ଦିଆଯିବ, ଯାହାର ଅର୍ଥ ହେଉଛି ପୂର୍ବରୁ ଆସିଥିବା ନବିମାନଙ୍କ ସମ୍ପ୍ରଦାୟରୁ ମଧ୍ୟ । ଏକ ବଡ ଗୋଷ୍ଠୀ ତୁମ ଉପରେ ବିଶ୍ୱାସ ଆଣିବେ ଏବଂ ମୁସଲମାନମାନଙ୍କ ମଧ୍ୟରୁ ମଧ୍ୟ ଗୋଟିଏ ବଡ ଦଳ ତୁମ ଉପରେ ବିଶ୍ୱାସ ଆଣିବେ । **"ଇନ୍ନା ନରିସୁଲ ଅର୍‌ଜା ନାକୁଲହା ମିନ ଅତରାଫିହା''** ***(ତଜକରାଃ,ପୃ-୪୬୬,ଚତୁର୍ଥ ସଂସ୍କରଣ)*** ଅର୍ଥାତ ଆମେ ପୃଥିବୀର ଉରରାଧିକାରୀ ହେବୁ ଏବଂ ତାକୁ ତାହାର କୋଣରୁ ଖାଇ ଆସିବୁ ।

ହଜରତ ଖଲିଫତୁଲ ମସିହ ସାନୀ (ଦ୍ୱିତୀୟ) ର ଅ ହଜରତ ମସିହ ମଉଦ ଆ ସ ଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଭବିଷ୍ୟବଣୀଗୁଡିକର ଚର୍ଚ୍ଚା କରିବା ପରେ ତାହାସବୁ ଚମତ୍କାର ଭାବରେ ପୂରଣ ହେବା ପ୍ରସଙ୍ଗରେ କହିଛନ୍ତି :

ଉକ୍ତ ଏଲହାମଗୁଡିକ ମଧ୍ୟରୁ ଅନେକ ଏପରି ସମୟରେ ଅବତୀର୍ଣ୍ଣ ହୋଇଥିଲା ଏବଂ ଏପରି ସମୟରେ ବି ପ୍ରକାଶିତ କରାଯାଇଥିଲା ଯେତେବେଳେ ହଜରତ୍ ମସିହ ମଉଦ ଆ ସଙ୍କ ଉପରେ ଜଣେ ବି ବିଶ୍ୱାସ ଆଣି ନଥିଲେ, ଏବଂ ଅନେକ ଐଶୀବାଣୀ ପରେ ହୋଇଥିଲା ଯେବେ ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହୋଇସାରିଥିଲା । କିନ୍ତୁ ତାହା ବି ଏପରି ସମୟରେ ହୋଇଥିଲା ଯେବେ ଏହି ସମ୍ପ୍ରଦାୟ ନିଜର ପ୍ରାରମ୍ଭିକ ଅବସ୍ଥାରେ ଥିଲା । ସେହି ସମୟରେ ତାଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଏହି ଐଶୀବାଣୀ ଗୁଡିକୁ ପ୍ରକାଶ କରିଦେବା ଅର୍ଥାତ ଏପରି ଏକ ସମୟ ଆସିବ ଯେ ଆପଣ ଆ ସଙ୍କ ସହିତ ଗୋଟିଏ ବଡ ଜମାତ (ଗୋଷ୍ଠୀ) ମିଶି ଯିବ । ଏବଂ ତାଙ୍କର ଅନୁଗାମୀମାନେ,(ହଜରତ ମସିହ ମଉଦ ଆ ସଙ୍କ ଉପରେ ବିଶ୍ୱାସ ଆଣିଥିବା ଲୋକମାନେ)କେବଳ ହିନ୍ଦୁସ୍ତାନରେ ହିଁ ନୁହେଁ ବରଂ ସମସ୍ତ ଦେଶଗୁଡିକରେ ବ୍ୟାପି ଯିବେ, ବିସ୍ତାର କରିଯିବେ,ଏବଂ ସମସ୍ତ ଧର୍ମର ଲୋକମାନେ ତାଙ୍କ ଧର୍ମରେ (ଅର୍ଥାତ ତାଙ୍କ ସମ୍ପ୍ରଦାୟରେ) ସାମିଲ ହେବେ । ଏବଂ ସେମାନଙ୍କୁ ଅଲ୍ଲାଃତାଲା ବହୁଗୁଣିତ କରାଇବେ,ଏବଂ କୌଣସି ଦେଶର ଲୋକ ବି ଆପଣ ଆ ସଙ୍କ ପ୍ରଚାରରୁ ବଂଚିତ ରହିବ ନାହିଁ । କ'ଣ ଏହା ଏକ ସାଧାରଣ କଥା ? କ'ଣ ମଣିଷର ବୁଦ୍ଧି କଳ୍ପନା କରି ଏକଥାକୁ କହିପାରିବ କି ?.....ପରିଶେଷରେ ତାହା ହିଁ ହେଲା ଯାହା ଅଲ୍ଲାଃତାଲା କହିଥିଲେ । ଯେଉଁ ବ୍ୟକ୍ତି ଏକୁଟିଆ ଏକ ସଂକୀର୍ଣ୍ଣ ପ୍ରାଙ୍ଗଣରେ ପଦଚାରଣ କରି କରି ନିଜ ଉପରେ ଅବତୀର୍ଣ୍ଣ ହୋଇଥିବା ଐଶୀବାଣୀଗୁଡିକୁ ଲେଖୁଥିଲା, ଏବଂ ସାରା ଦୁନିଆରେ ନିଜ ପ୍ରଶିଦ୍ଧି ବିଷୟରେ ଘୋଷଣା କରୁଥିଲା,ଯଦିଓ ସେ ସମୟରେ ତାଙ୍କ ଇଲାକାର ଲୋକମାନେ ମଧ୍ୟ ତାଙ୍କୁ ଜାଣି ନଥିଲେ । ସମସ୍ତ ପ୍ରକାରର ବାଧା ବିଘ୍ନ ସତ୍ୱେ ବି ସେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସହଯୋଗରେ ଉଠିଲା ଏବଂ ଗୋଟିଏ ମେଘ/ବାଦଲ ସଦୃଶ ଗରଜିଲା ଏବଂ ଲୋକମାନେ ଦେଖୁ ଦେଖୁ ଈର୍ଷାପରାୟଣ ତଥା ଶତୃମାନଙ୍କ କଳିଜାକୁ ଚିରି ଛାରଖାର କରି ସମଗ୍ର ଆକାଶକୁ ଆଚ୍ଛାଦନ କରିଗଲା । ହିନ୍ଦୁସ୍ତାନରେ ସେ ବର୍ଷିଲା,ଆଫଗାନିସ୍ତାନରେ ସେ ବର୍ଷିଲା, ଆରବରେ ସେ ସେ ବର୍ଷିଲା, ମିଶରରେ ସେ ବର୍ଷିଲା,ସିଲୋନରେ ସେ ବର୍ଷିଲା,ବୁଖାରାରେ ସେ ବର୍ଷିଲା,ପୂର୍ବ ଆଫ୍ରୀକାରେ ସେ ବର୍ଷିଲା,ମୋରିସସ୍ ଉପଦ୍ୱୀପରେ ସେ ବର୍ଷିଲା,ଦକ୍ଷିଣ ଆଫ୍ରୀକାରେ ସେ ବର୍ଷିଲା, ପଶ୍ଚିମ ଆଫ୍ରୀକାର ଦେଶଗୁଡିକରେ ସେ ବର୍ଷିଲା,ନାଇଜେରିଆରେ, ଗୋଲ୍ଡ କୋଷ୍ଟ ସିରିଆଲିଓନରେ ସେ ବର୍ଷିଲା,ଅଷ୍ଟ୍ରେଲିୟାରେ ସେ ବର୍ଷିଲା,ଇଂଲଣ୍ଡ,ଜର୍ମାନୀ ଏବଂ ଋଷର ଇଲାକାର ତୃଷ୍ଣାକୁ ସେ ମେଂଟାଇଲା ଏବଂ ଆମେରିକାରେ ଯାଇ ସେ ଜଳସେଚନ କଲା।

ଆଜି ଏ ପୃଥିବୀର ଏପରି କୌଣସି ମହାଦେଶ ନାହିଁ ଯେଉଁଠାରେ ମସିହ ମଉଦ ଆ ସଙ୍କ ଜମାତ ନଥିବ,ଏବଂ ଏପରି କୌଣସି ଧର୍ମ ନାହିଁ ଯେଉଁଥିରୁ ସେ ନିଜର ଭାଗ ପାଇ ନଥିବ । ଖ୍ରୀଷ୍ଟିଆନ, ହିନ୍ଦୁ , ବୌଧ, ପାର୍ସୀ, ସିଖ୍ ଏବଂ ଇହୁଦୀ ସବୁ ଜାତିରେ ସବୁ ଧର୍ମରେ ତାଙ୍କର ଅନୁଗାମୀ ମହଜୁଦ ଅଛନ୍ତି । ୟୁରୋପୀୟ, ଆମେରିକୀୟ, ଆଫ୍ରିକୀୟ ତଥା ଏସୀୟମାନେ ତାହାଙ୍କ ଉପରେ ବିଶ୍ୱାସ ଆଣିଛନ୍ତି । ଯାହା କିଛି ସେ ସମୟ ପୂର୍ବରୁ ବତାଇ ଦେଇଥିଲା, ଯଦି ତାହା ସବୁ ଅଲ୍ଲାଃତାଲାଙ୍କର ବାଣୀ ନଥିଲା ତାହେଲେ ସେ ସବୁ କିପରି ପୂରଣ ହେଲା ? କ'ଣ ଏହା ଅଜବ କଥା ନୁହେଁ ଯେ ସେହି ୟୁରୋପ ଏବଂ ଆମେରିକା,ଯାହା ଏହା ପୂର୍ବରୁ ଇସଲାମକୁ ଖାଉଥିଲା,ମସିହ ମଉଦଙ୍କ ଜରିଆରେ ଏବେ ସେମାନଙ୍କୁ ଇସଲାମ ଖାଉଅଛି । ଏପର୍ଯ୍ୟନ୍ତ ଇଂଲଣ୍ଡରେ ତଥା ଆମେରିକାରେ ଶତାଧିକ ଲୋକେ ଇସଲାମ ଗ୍ରହଣ କରିସାରିଛନ୍ତି । ସେହିପରି ଋଷ, ଜର୍ମାନୀ ଏବଂ ଇଟାଲୀ ଦେଶର ଅନେକ ଲୋକେ ଏହି ସମ୍ପ୍ରଦାୟକୁ ଗ୍ରହଣ କରିସାରିଛନ୍ତି । ସେହି ଇସଲାମ ଯାହା ଅନ୍ୟ ଧର୍ମର ଲୋକମାନଙ୍କ ହାତରେ ପରାଜୟ ପରେ ପରାଜୟ ବରଣ କରିଚାଲିଥିଲା, ତାହା ଏବେ ମସିହ ମଉଦ ଆ ସଙ୍କ ଦୁଆ (ପ୍ରାର୍ଥନା) ବଳରେ ପ୍ରତ୍ୟେକ କ୍ଷେତ୍ରରେ ଶତୃଙ୍କ ଉପରେ ବିଜୟ ପାଇ ଚାଲିଛି ଏବଂ ଇସଲାମର ଦଳକୁ ବୃଦ୍ଧି କରିଚାଲିଛି । ଫଅଲହମଦୁ ଲିଲ୍ଲାହେ ରବବିଲ୍ ଆଲମୀନ୍ ***(ଦାୱତୁଲ ଅମୀର୍, ପୃ-୩୪୮-୩୫୦, ମୁଦ୍ରିତ ଜାନୁଆରୀ ୨୦୧୭ କାଦିଆନ)***

**କାଦିଆନର ବିକାଶ ବିଷୟରେ ଭବିଷ୍ୟବାଣୀ**

କାଦିଆନର ବିକାଶ ସମ୍ବନ୍ଧରେ ହଜରତ ମସିହ ମଉଦ ଆ ସଙ୍କୁ ଏହା ବତାଇ ଦିଆଯାଇଥିଲା ଯେ କାଦିଆନ ଗ୍ରାମଟି ଉନ୍ନତି କରି କରି ଗୋଟିଏ ବଡ ସହରରେ ପରିଣତ ହୋଇଯିବ । ଯେପରିକି ମୁମ୍ବାଇ ଏବଂ କଲିକତା ସହର । ଅର୍ଥାତ ତାହା ନଅ ଦଶ ଲକ୍ଷ ଜନସଂଖ୍ୟାରେ ପହଂଚିଯିବ ଏବଂ ତାହାର ଜନସଂଖ୍ୟା ଉତର ଏବଂ ପୂର୍ବ ଦିଗକୁ ବ୍ୟାପି ବ୍ୟାପି ବ୍ୟାସ (ନଦୀ) ପର୍ଯ୍ୟନ୍ତ ପହଂଚିଯିବ ।
***(ତଜକରାଃ,ପୃ-୭୮୨,ଚତୁର୍ଥ ସଂସ୍କରଣ )***

ହଜରତ୍ ଖଲିଫତୁଲ ମସିହ ସାନୀ (ଦ୍ୱିତୀୟ) ର ଅ କାଦିଆନର ପ୍ରାରମ୍ଭିକ ଅବସ୍ଥାର ନକ୍ସା ଟାଣି କହିଛନ୍ତି :

ଏହି ପେଶଗୋଇ (ଭବିଷ୍ୟବାଣୀ) ଯେବେ ପ୍ରକାଶିତ ହେଲା, ସେତେବେଳେ କାଦିଆନର ଅବସ୍ଥା ଏପରି ଥିଲା ଯେ ତାହାର ଜନସଂଖ୍ୟା ପ୍ରାୟ ଦୁଇ ହଜାର ଥିଲା । ଅଳ୍ପ କିଛି ପକ୍କା ଘର ବ୍ୟତୀତ ବାକି ସବୁ ଘରଗୁଡିକ କଚାଘର ଥିଲା। ଭଡା ଘରଗୁଡିକର ଭଡା ଏତେ ମାତ୍ରାରେ କମ ଥିଲା ଯେ ମାସିକ ଚାରି ପାଂଚ ଅଣା ଭଡାରେ ଘର ମିଳିଯାଉଥିଲା । ଘର ତିଆରି କରିବା ପାଇଁ ଜମି ଏତେ ଶସ୍ତା ଥିଲା ଯେ ଦଶ ବାର ଟଙ୍କା ବିନିମୟରେ ଘର ପାଇଁ ଜମି ମିଳି ଯାଉଥିଲା । ବଜାରର ଅବସ୍ଥା ଏପରି ଥିଲା ଯେ ଦୁଇ ତିନି ଟଙ୍କାର ଅଟା ଏକା ଥରକେ ମିଳିପାରୁ ନଥିଲା। କାରଣ ଲୋକମାନେ ଜମିଦାର ଶ୍ରେଣୀର ଥିଲେ ଏବଂ ନିଜେ ଶସ୍ୟ ପେଶାଇ ରୋଟି ତିଆରି କରୁଥିଲେ । ଶିକ୍ଷା ଆହାରଣ କରିବା ପାଇଁ ଗୋଟିଏ ସରକାରୀ ମଦର୍ସା ଥିଲା ଯାହା ପ୍ରାଇମେରୀ କ୍ଲାସ ପର୍ଯ୍ୟନ୍ତ ଥିଲା । ସେହି ସ୍କୁଲର ଶିକ୍ଷକ କିଛି ଭତା ନେଇ ଡାକଘରର କାମ ବି କରି ଦେଉଥିଲେ । ସପ୍ତାହରେ ଦୁଇଥର ଡାକ ଆସୁଥିଲା । ସମସ୍ତ ଅଟ୍ଟାଳିକା ସହରର ପାଚେରୀ ଭିତରେ ଥିଲା । ଏହି ଭବିଷ୍ୟବାଣୀ ପୂରଣ ହେବା ପାଇଁ କୌଣସି ବ୍ୟବହାରିକ ସାଧନ ନଥିଲା । କାରଣ କାଦିଆନ ରେଳଠାରୁ ଏଗାର ମାଇଲ ଦୂରତାରେ ଅବସ୍ଥିତ ଥିଲା,ଏବଂ ତାହାର ରାସ୍ତା ସମ୍ପୂର୍ଣ୍ଣ କଚ୍ଚା ରାସ୍ତା ଥିଲା । ଯେଉଁ ଦେଶରେ ରେଳବାଇ ଥାଏ ସେହି ରେଳବାଇ କଡରେ ଥିବା ସହରର ଜନସଂଖ୍ୟା ବୃଦ୍ଧି ହୋଇଥାଏ । କାଦିଆନରେ କୌଣସି କାରଖାନା ନଥିଲା ଯେ ତାହା ଯୋଗୁଁ କାଦିଆନର ବିକାଶ ହୋଇଥାନ୍ତା । କାଦିଆନ ନା ତ କୌଣସି ଜିଲ୍ଲା ଥିଲା ନା କୌଣସି ତହସିଲ ଥିଲା । ଏପରିକି କାଦିଆନରେ କୌଣସି ପୋଲିସ ଷ୍ଟେଶନ୍ ବି ନଥିଲା । କାଦିଆନରେ କୌଣସି ମଣ୍ଡି ବି ନଥିଲା ଯେ ସେଥି ଯୋଗୁଁ ଏଠିକାର ଜନସଂଖ୍ୟା ବୃଦ୍ଧି ହୋଇଥାନ୍ତା । ଯେଉଁ ସମୟରେ ଏହି ଭବିଷ୍ୟବାଣୀ କରାଯାଇଥିଲା ସେତେବେଳେ ହଜରତ ମସିହ ମଉଦ ଆ ସ ଙ୍କ ଅନୁଗାମୀମାନଙ୍କର ସଂଖ୍ୟା ମଧ୍ୟ ମାତ୍ର କିଛି ଶହରୁ ଅଧିକ ନଥିଲେ ଯେ ସେମାନଙ୍କୁ ଏଠାରେ ଅଣାଯାଇ ବସତି ସ୍ଥାପନ କରାଯାଇଥାନ୍ତା ଫଳତଃ ଏଠାରେ ସହର ଗଢି ଉଠିଥାନ୍ତା । ***(ଦାୱତୁଲ ଅମୀର, ପୃ-୩୩୫, ମୁଦ୍ରିତ ଜାନୁଆରୀ ୨୦୧୭ କାଦିଆନ)***

ହଜରତ ମସିହ ମଉଦ ଆ ସଙ୍କ ଭବିଷ୍ୟବାଣୀ ମୁତାବକ ଆଜି କାଦିଆନ ପ୍ରତିକୂଳ ପରିସ୍ଥିତି ସତ୍ୱେ ବି ଏତେ ମାତ୍ରାରେ ଅଗ୍ରଗତି କରିସାରିଛି ଯେ ଜଣେ ବୁଦ୍ଧିମାନ ବ୍ୟକ୍ତି ତଥା ନ୍ୟାୟବାନ ବ୍ୟକ୍ତି ଏହାକୁ ନିଜେ ଦେଖି ଉପଲବ୍ଧି କରିପାରିବେ ।

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ ......*

# : ଖୁତ୍‌ବା ଜୁମା :

"ମୋ ବୟତ କରିବାରେ ଅଲ୍ଲାଃତାଲା ହୃଦୟର ସ୍ୱୀକାରୋକ୍ତି ଚାହୁଁଛନ୍ତି । ତେଣୁ ଯିଏ ମୋତେ ଆନ୍ତରିକତାର ସହିତ ଗ୍ରହଣ କରିଥାଏ ଏବଂ ନିଜ ପାପ ବିଷୟରେ ପ୍ରକୃତ ତୌବାଃ (ଅର୍ଥାତ ଅନୁତାପ ଏବଂ ପଶ୍ଚାତାପ) କରିଥାଏ,କ୍ଷମାଶୀଳ ଓ ଦୟାମୟ ଅଲ୍ଲାଃ ତା ପାପକୁ ନିଶ୍ଚିତ ଭାବରେ କ୍ଷମା କରିଦେଇଥାନ୍ତି । ସେ ଏପରି ବ୍ୟକ୍ତି ହୋଇଯାଏ ଯେପରି ମାତୃ ଗର୍ଭରୁ ନବଜାତ ଶିଶୁ । ପୁଣି ଫରିସ୍ତା (ଅର୍ଥାତ ଦେବଦୂତ) ମାନେ ତା ସୁରକ୍ଷା କାର୍ଯ୍ୟରେ ଲାଗିଯାଇଥାନ୍ତି ।'' ***(ହଜରତ ମସିହା ମଉଦ ଆ ସ)***

ଆମ ଅହେମଦୀମାନଙ୍କ ଉପରେ ଅଲ୍ଲାଃତାଲାଙ୍କର ସବୁଠାରୁ ବଡ଼ ଅନୁଗ୍ରହ ହେଉଛି ଏହା କି ସେ ଆମକୁ ଏ ଯୁଗର ଇମାମ ତଥା ଆଁ ହଜରତ ସ ଆ ସଙ୍କ ସଚ୍ଚା ପ୍ରେମୀଙ୍କୁ ମାନିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି ।

ଅଲ୍ଲାଃତାଲାଙ୍କ ନିକଟରେ ବାସ୍ତବିକ କୃତଜ୍ଞତା ଜ୍ଞାପନ କରିବା ହେଉଛି ଏହା କି ଆମେ ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବା, ଅଲ୍ଲାଃତାଲାଙ୍କ ଉପାସନାର ହକକୁ ନିର୍ବାହ କରିବା ଏବଂ ତାହାଙ୍କ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟକୁ ବି ନିର୍ବାହ କରିବା ।

ଏପରି ଇମାନ (ବିଶ୍ୱାସ) ଯାହା ଅନ୍ଧ ବିଶ୍ୱାସରେ ପରିପୂର୍ଣ୍ଣ ତାହା କୌଣସି ପୂଣ୍ୟଫଳ ସୃଷ୍ଟି କରିପାରିବ ନାହିଁ । କିନ୍ତୁ ଯଦି ତୁମେ ଆନ୍ତରିକତାର ସହିତ ମନରୁ ସ୍ୱୀକାର କରିଥିବ ଯେ, ମସିହ ମଉଦ ହେଉଛନ୍ତି ପ୍ରକୃତରେ ହକମ୍ (ଅର୍ଥାତ ନ୍ୟାୟ ଏବଂ ନିଷ୍ପତିକାରୀ) । ତେବେ ପୁଣି ତାହାଙ୍କ ଆଦେଶ ଏବଂ ତାହାଙ୍କ କାର୍ଯ୍ୟ ଆଗରେ ନିଜର ଅସ୍ତ୍ର ପରିତ୍ୟାଗ କରିଦିଅ ଏବଂ ତାହାଙ୍କ ନିଷ୍ପତିକୁ ସମ୍ମାନ ଦୃଷ୍ଟିରେ ଦେଖ ଏତତଦ୍ୱାରା ତୁମେ ଆଁହଜରତ ସ ଆ ସ ଙ୍କ ପବିତ୍ର ବାଣୀର ସମ୍ମାନକାରୀ ଭାବରେ ଅଭିହିତ ହେବ ।

ଖିଲାଫତ ସହିତ ଯୋଡ଼ି ହୋଇ ରହିବା ଏବଂ ତାହାଙ୍କ ଆଜ୍ଞା ପାଳନ କରିବାର ପ୍ରତିଜ୍ଞାକୁ ପାଳନ କରିବା ମଧ୍ୟ ପ୍ରତ୍ୟେକ ଅହେମଦୀଙ୍କ କର୍ତବ୍ୟ । ନଚେତ ଏହି ବୟତ ଅସମ୍ପୂର୍ଣ୍ଣ ରହିବ ।

"ସତ୍ୟ ହେଉଛି ଏହା କି ତୁମେ ସେହି ଝରଣା ନିକଟରେ ପହଂଚି ଯାଇଛ ଯାହାକୁ ଏବେ ଅଲ୍ଲାଃତାଲା ଅନନ୍ତ ଜୀବନ ପାଇଁ ସୃଷ୍ଟି କରିଛନ୍ତି । ହଁ ସେହି ପାଣି ପିଇବା ଏବେ ବାକି ଅଛି ।''

ଏ ଦୁନିଆ ଆମକୁ ବଂଚାଇବ ନାହିଁ, ନା ଆମକୁ ନା ଆମ ଭବିଷ୍ୟତ ସନ୍ତାନମାନଙ୍କୁ ସୁରକ୍ଷା ଦେବ । ବରଂ ଯଦି ଆମେ **ଲା ଇଲାହା ଇଲ୍ଲଲ୍ଲାଃ ମୁହମ୍ମଦୁର ରସୁଲୁଲ୍ଲାଃ** କଲିମାର ହକକୁ ପ୍ରଦାନକାରୀ ହେବା ତା'ହେଲେ ଅଲ୍ଲାଃତାଲା ଆମ ବିନମ୍ର ଦୁଆ (ଅର୍ଥାତ ଆମର ଆକୁଳ ନିବେଦନ) ତଥା ଆମ ପୁଣ୍ୟ କର୍ମ ଯୋଗୁଁ ଏହି ଦୁନିଆକୁ ବଂଚାଇବେ ।

ଯେବେ ଆମେ କଲିମା ପଢୁଅଛେ,ସେତେବେଳେ କ'ଣ ବାସ୍ତବିକ ଅଲ୍ଲାଃତାଲା ଆମକୁ ସବୁ ଜିନିଷଠାରୁ ଅଧିକା ପ୍ରୀୟ ହୋଇଥାନ୍ତି କି ? କ'ଣ ତାହାଙ୍କ ପ୍ରସନ୍ନତା ହାସଲ କରିବା ଆମର ଉଦ୍ଦେଶ୍ୟ ଥାଏ ? କ'ଣ ବାସ୍ତବିକ ଅମେ ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡ଼ିକର ସମ୍ପୂର୍ଣ୍ଣ ରୂପେ ଆଜ୍ଞାବହତା ସ୍ୱୀକାର କରୁଅଛେ କି ?

ଏପରି ବ୍ୟକ୍ତି, ଯାହାକୁ ଯେତେ ବୁଝାସୁଝା କରବା ସତ୍ୱେ ବି ସେ ହଜରତ ମସିହ ମଉଦ ଅ ସ ଙ୍କ ବିରୁଦ୍ଧରେ ଖରାପ ଶବ୍ଦ ବ୍ୟବହାର କରିବାରୁ ନିବୃତ ରହୁନାହିଁ,ତା ସହିତ ଆମେ ବନ୍ଧୁତ୍ୱପୂର୍ଣ୍ଣ ହାତ ବଢାଇ ପାରିବୁ ନାହିଁ କି କୌଣସି ଅହେମଦୀର ଆତ୍ମ ସ୍ୱାଭିମାନ ଏହାକୁ ବରଦାସ୍ତ କରିପାରିବ ନାହିଁ ।

ହଜରତ ମସିହ ମଉଦ ଆ ସ ଙ୍କ ବୟତର ହକକୁ ପ୍ରଦାନ କରିବା ପାଇଁ ନିଜର ଆଧ୍ୟାତ୍ମିକ ଏବଂ ଚାରିତ୍ରିକ (ନୈତିକ) ଅବସ୍ଥାରେ ଉନ୍ନତି ଆଣିବାକୁ ଉପଦେଶ

ଏ ଦୁନିଆକୁ ବିନାଶରୁ ରକ୍ଷା କରିବା ପାଇଁ ଦୁଆ କରିବାକୁ ପରାମର୍ଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ(ପଂଚମ)ଅ.ବ**
**(ପ୍ରଦତ:୧୪ ଅକ୍ଟୋବର ୨୦୨୨ ଅନୁଯାୟୀ ୧୪ ଇଖା ୧୪୦୧ ହିଜ୍‌ରି ଶମସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ ○ الرَّحْمٰنِ الرَّحِيْمِ ○ مٰلِكِ يَوْمِ الدِّيْنِ ○ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ○

اِهْدِنَا الصِّرَاطَ الْمُسْتَقِيْمَ ○ صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ○

ତଶହୁଦ ତଉଜ ଏବଂ ସୁରଃ ଫାତିହା ଆବୃତି କରିବା ପରେ ହଜରତ ଅମୀରୁଲ ମୁମିନିନ ହଜରତ୍ ଖଲିଫତୁଲ ମସିହ ପଂଚମ ଅ ବ ଅ କହିଲେ : ଆପଣ ମାନଙ୍କ ଉପରେ ଅଲ୍ଲାଃତଲାଙ୍କର ବଡ କୃପା ଏବଂ ଅନୁଗ୍ରହ ରହିଛି । ଜମାତ ଅହେମଦୀୟା ଉପରେ ଅଲ୍ଲାଃତଲାଙ୍କର ବଡ ଅନୁଗ୍ରହ ଏବଂ ସେହିପରି ଏ ଦେଶକୁ ଆସିଥିବା ଲୋକମାନଙ୍କ ଉପରେ ବଡ ଅନୁଗ୍ରହ ଯେ ସେ ଆପଣମାନଙ୍କୁ ଏହି ବିକଶିତ ରାଷ୍ଟ୍ରକୁ ଆସିବାର ସୁଯୋଗ ପ୍ରଦାନ କରିଛନ୍ତି । ବିଶେଷ ଭାବରେ ବିଗତ କିଛି ବର୍ଷ ହେବ ପାକିସ୍ତାନରୁ ଅନେକ ଅହେମଦୀ ଏଠାକୁ ଆସିଛନ୍ତି ଏବଂ ଏବେ ମଧ୍ୟ ଆସୁଛନ୍ତି । ଏମାନେ ପାକିସ୍ତାନରୁ ହିଜରତ୍ କରି ଏଠାକୁ ଏଇଥିପାଇଁ ଆସୁଛନ୍ତି ଯେ ସେଠାରେ ଅହେମଦୀମାନଙ୍କ ଅବସ୍ଥା ଦିନକୁ ଦିନକୁ ଖରାପ ହୋଇଚାଲିଛି । ତେଣୁ ସେଠାରେ ରହିବା ଅହେମଦୀମାନଙ୍କ ପାଇଁ ବହୁତ କଷ୍ଟକର ହୋଇଯାଉଛି । ତେଣୁ ଏଇଥିପାଇଁ ଅହେମଦୀମାନଙ୍କୁ ଏଠିକାର ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ଉଚିତ । କାରଣ ଏଠିକାର ସରକାର ଏହି ଅତ୍ୟାଚାରିତ ଅହେମଦୀମାନଙ୍କୁ ଏଠାରେ ରହିବା ପାଇଁ ସ୍ଥାନ ଦେଇଛନ୍ତି । କିନ୍ତୁ ଆମ ଅହେମଦୀମାନଙ୍କ ଉପରେ ଅଲ୍ଲାଃତାଲାଙ୍କର ସବୁଠାରୁ ବଡ କୃପା ଏବଂ ଅନୁଗ୍ରହ ଏହା ଯେ ସେ ଆମକୁ ଏ ଯୁଗର ଇମାମ ଏବଂ ହଜରତ୍ ମୁହମ୍ମଦ ମୁସ୍ତଫା ସ ଅ ସ ଙ୍କ ସଚ୍ଚା ପ୍ରେମୀ ହଜରତ୍ ମସିହ ମଉଦ ଆ ସଙ୍କୁ ମାନିବାକୁ ସୌଭାଗ୍ୟ ପ୍ରଦାନ କରିଛନ୍ତି ।

ତେଣୁ ଏହି କାରଣ ପାଇଁ ବି ଆମକୁ ଖୁଦାତାଲାଙ୍କୁ ଯେତେ ବି ଧନ୍ୟବାଦ ଦେବା ବା ଅଲ୍ଲାଃତାଲାଙ୍କ ନିକଟରେ ଯେତେ ବି କୃତଜ୍ଞତା ଜ୍ଞାପନ କରିବା ତାହା ଆମ ପାଇଁ କମ ହେବ । ଏଠାରେ ଅଲ୍ଲାଃତାଲାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ହେଉଛି ଏହା କି ଆମେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହେବା । ଅଲ୍ଲାଃତାଲାଙ୍କ ହକକୁ ପ୍ରଦାନକାରିବା ସହିତ ଅଲ୍ଲାଃଙ୍କ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟକୁ ମଧ୍ୟ ନିର୍ବାହ କରିବା । ଏହା ସେତେବେଳେ ସମ୍ଭବ ହୋଇପାରିବ ଯେବେ ଆମେ ହଜରତ ମସିହ ମଉଦ ଆ ସଙ୍କ ବୟତର (ଅର୍ଥାତ ତାଙ୍କ ଦିକ୍ଷା ନେବାର) ହକକୁ ପ୍ରଦାନକାରୀ ହେବା । କାରଣ ଏହି ଯୁଗରେ ହଜରତ ମସିହ ମଉଦ ଆ ସ ହିଁ ହେଉଛନ୍ତି ସେହି ମାର୍ଗଦର୍ଶକ ଯିଏ ହଜରତ ମୁହମ୍ମଦ ରସୁଲୁଲ୍ଲାଃ ସ ଆ ସ ଙ୍କ ଭବିଷ୍ୟବାଣୀ ମୁତାବକ ଇସଲାମର ପ୍ରକୃତ ଶିକ୍ଷା ଉପରେ ଆମକୁ ପରିଚାଳିତ କରିଛନ୍ତି ।

ଅତଃ ଏହି କଥାକୁ ପ୍ରତ୍ୟେକ ଅହେମଦୀ ମନେରଖିବା ଉଚିତ ଯେ ଏବେ ପ୍ରକୃତ ଇସଲାମ୍ ଶିକ୍ଷା ଆମକୁ ହଜରତ ମସିହ ମଉଦ ଆ ସଙ୍କ ଜରିଆରେ ମିଳି ପାରିବ । କାରଣ ହଜରତ ମସିହ ମଉଦ ଆ ସ ହିଁ ହେଉଛନ୍ତି ଏପରି ବ୍ୟକ୍ତି ଯାହାଙ୍କୁ ଅଲ୍ଲାଃତାଲା ଏ ଯୁଗରେ ପବିତ୍ର କୁରଆନ୍‌ର ପ୍ରକୃତ ଜ୍ଞାନ ତଥା ଇସଲାମର ପକୃତ ଜ୍ଞାନ ପ୍ରଦାନ କରିଛନ୍ତି । ହଜରତ ମସିହ ମଉଦ ଆ ସ ହିଁ ସେହି ବ୍ୟକ୍ତି ବିଶେଷ ଯିଏ ହେଉଛନ୍ତି ହଜରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ ଆ ସଙ୍କ ସଚ୍ଚା ପ୍ରେମୀ ଏବଂ ହଜରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ ଆ ସଙ୍କ ଶିକ୍ଷା ଉପରେ ତଥା ତାହାଙ୍କ ସୁନ୍ନତ (କାର୍ଯ୍ୟଶୈଳୀ) ମୁତାବକ ନିଜ ଜମାତର ଲୋକମାନଙ୍କୁ ପ୍ରଶିକ୍ଷଣ ଦେବାକୁ ଚାହୁଁଛନ୍ତି । ତେଣୁ ଆମକୁ ପ୍ରକୃତ ମୁସଲମାନ ହେବା ପାଇଁ ଏବେ ହଜରତ ମସିହ ମଉଦ ଆ ସ ଙ୍କ ଆଡକୁ ଦେଖିବାକୁ ହେବ ଏବଂ ହଜରତ ମସିହ ମଉଦ ଆ ସ ଙ୍କ ଦ୍ୱାରା ବତାଯାଇଥିବା ଶିକ୍ଷା ଓ ଶୈଳୀ ମୁତାବକ ନିଜ ଜୀବନକୁ ପରିଚାଳିତ କରିବାକୁ ପଡିବ । ନିଜ ଇମାନକୁ ମଜବୁତ କରିବାକୁ ହେବ । ହଜରତ ମସିହ ମଉଦ ଆ ସ ଙ୍କ ମିଶନ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ରଖିବାକୁ ହେବ । ତାଙ୍କୁ ହକମ ଏବଂ ଅଦଲ (ଅର୍ଥାତ ଇସଲାମରେ ଲୋକମନେ କାଳକ୍ରମେ ଯେଉଁ କୁସଂସ୍କାରକୁ ଭରିଦେଇଛନ୍ତି ଏବଂ ଇସଲାମର ପ୍ରକୃତ ଶିକ୍ଷାକୁ ଭୂଲିଯାଇଛନ୍ତି ପୁଣି ସେହି ପ୍ରକୃତ ଶିକ୍ଷାକୁ ଲୋକମାନଙ୍କ ସମ୍ମୁଖରେ ରଖି ତାହାର ଉଚିତ ନ୍ୟାୟ ପ୍ରଦାନକାରୀ) ଭାବରେ ମାନିବାକୁ ହେବା । ଏ ବିଶ୍ୱାସ ରଖିବାକୁ ହେବ ଯେ ଏବେ ହଜରତ ମସିହ ମଉଦ ଆ ସଙ୍କ ଦ୍ୱାରା ବତାଯାଇଥିବା ଶିକ୍ଷା ଉପରେ ଏବଂ ଶୈଳୀ ଉପରେ ପରିଚାଳିତ ହୋଇ ମଣିଷ ଇସଲାମର ପ୍ରକୃତ ଶିକ୍ଷା ଉପରେ ପରିଚାଳିତ ହୋଇପାରିବା

ଅତେବ ଯେଉଁମାନେ ହଜରତ ମସିହ ମଉଦ ଆ ସ ଙ୍କର ବୟତ କରିଛନ୍ତି ସେହି ଲୋକମାନଙ୍କୁ ତାଙ୍କ ଉପରେ ପୂର୍ଣ୍ଣବିଶ୍ୱାସ ରଖିବା ପାଇଁ ଉପଦେଶ ଦେଇ କହିଛନ୍ତି ଯେ : "ଯେଉଁ ଲୋକ ଇମାନ ଆଣିସାରିଛି ତାକୁ ନିଜର ଇମାନ (ବିଶ୍ୱାସ) ରୁ ଅଗ୍ରଗତି କରି ଇରଫାନ ପର୍ଯ୍ୟନ୍ତ ଉନ୍ନତି କରିବା ଉଚିତ''କେବଳ ଇମାନ ନୁହେଁ ବରଂ ତାଉପରେ ବିଶ୍ୱାସ ବି ସୃଷ୍ଟି ହେବା ଉଚିତ ଏବଂ ତାହାର ଇରଫାନ ମଧ୍ୟ ପ୍ରାପ୍ତ ହେବା ଉଚିତ (ଅର୍ଥାତ ସେ ଏକଥା ବୁଝିନେବା ଉଚିତ)ଯେ ଆମେ କାହିଁକି ବୟତ କରିଛୁ । "ଏପରି ନହେଉ କି ସେ ପୁଣି ସନ୍ଦେହରେ ରହିଯାଉ''ଏପରି ନହେଉ କି ତା ମନ ଭିତରେ କିଛି ସନ୍ଦେହ ରହିଯାଉ ଯେ ଏହା କାହିଁକି ହେଲା ଇତ୍ୟାଦି ଇତ୍ୟାଦି । ପ୍ରଶ୍ନ ସୃଷ୍ଟି ହେବା ଆରମ୍ଭ ନ ହୋଇଯାଉ । ପୁଣି ହଜରତ ମସିହ ମଉଦ ଆ ସ କହିଲେ ଯେ "ମନେରଖ ଜନ୍ନ (ଅର୍ଥାତ ସନ୍ଦେହ) ଉପଯୋଗୀ ହୋଇପାରିବ ନାହିଁ । ଅଲ୍ଲାଃ ସ୍ୱୟଂ କହିଛନ୍ତି । ଇନ୍ନଜ ଜନ୍ନା ଲାୟୁଗନୀ ମିନଲ ହକ୍କି ଶୈୟା (ୟୁନୁସ : ୩୭)''ଅବଶ୍ୟ ସତ୍ୟ ପରିବର୍ତେ ସନ୍ଦେହ ବା ଅନୁମାନ କିଛି ବି କାର୍ଯ୍ୟରେ ଲାଗେ ନାହିଁ। "ବିଶ୍ୱାସ ହିଁ ଏକମାତ୍ର ଜିନିଷ ଯାହା ମଣିଷକୁ ସଫଳ କରାଇ ପାରିବ । ବିଶ୍ୱାସ ବିନା କିଛି ବି ହୁଏନାହିଁ । ଯଦି ମଣିଷ ପ୍ରତ୍ୟେକ କଥାରେ ସନ୍ଦେହ କରିବାକୁ ଲାଗିଯିବ ତାହେଲେ ବୋଧ ହୁଏ ସେ ଏ ଦୁନିଆରେ ଗୋଟିଏ କ୍ଷଣ ବି ବିତାଇ ପାରିବ ନାହିଁ । ସେ ଏଇଥିପାଇଁ ପାଣି ପିଇ ପାରିବ ନାହିଁ ଯେ କାଳେ ସେଥିରେ ବିଷ ତ ମିଶି ନାହିଁ ବା ବଜାରର ଜିନିଷକୁ ଏଇଥିପାଇଁ ଖାଇପାରିବ ନାହିଁ ଯେ କାଳେ ସେଥିରେ ଏମିତି କୌଣସି ଜିନିଷ ଥିବ ଯାହାକୁ ଖାଇ ସେ ମରିଯିବ । ତାହେଲେ ପୁଣି ସେ କିପରି ରହିପାରିବ''ଜୀବନ ବଂଚାଇବା ତାପାଇଁ କଷ୍ଟକର ହୋଇଯିବ । ଏହା ଏକ ଘନ ଉଦାହରଣ । ଏହିପରି ମଣିଷ ଆଧ୍ୟାତ୍ମିକ ପ୍ରସଙ୍ଗରେ ସେଥିରୁ ଲାଭ ଉଠାଇ ପାରେ ।'' ପୁଣି ହଜରତ ମସିହ ମଉଦ ଆ ସ କହିଲେ ଯେ "ଏବେ ତୁମେମାନେ ନିଜେ ଚିନ୍ତାକରି ଦେଖିନିଅ ଏବଂ ନିଜ ମନରେ ନିଷ୍ପତି କରିନିଅ ଯେ କ'ଣ ତୁମେମାନେ ମୋ ହାତରେ ଯେଉଁ ବୟତ କରିଅଛ ଏବଂ ମୋତେ ମସିହ ମଉଦ ତଥା ହକମ ଏବଂ ଅଦଲ ଭାବରେ ମାନିଅଛ, ଏପରି ମାନିବା ପରେ ମୋର କୌଣସି ନିଷ୍ପତି ବା କାର୍ଯ୍ୟ ଉପରେ ଯଦି ତୁମ ମନ ଭିତରେ କୌଣସି ସନ୍ଦେହ ବା ଦୁଃଖ ରହିଛି ତା'ହେଲେ ନିଜ ଇମାନ (ବିଶ୍ୱାସ) ବିଷୟରେ ଚିନ୍ତାବିଚାର କର ।

ଏପରି ଇମାନ ଯାହା ଶଂକା ଏବଂ ଅନ୍ଧବିଶ୍ୱାସରେ ପରିପୂର୍ଣ୍ଣ,ତାହା କୌଣସି ସୁଫଳ ଦେବ ନାହିଁ । କିନ୍ତୁ ଯଦି ତୁମେମାନେ ଆନ୍ତରିକତାର ସହିତ ଗ୍ରହଣ କରିଅଛ ଯେ ମସିହ ମଉଦ ହେଉଛନ୍ତି ପ୍ରକୃତରେ ହକମ୍ ତା'ହେଲେ ତୁମେମାନେ ତାଙ୍କ ହକମ ହେବାରେ ଏବଂ ତାଙ୍କ କାର୍ଯ୍ୟପ୍ରଣାଳୀ ସମ୍ମୁଖରେ ନିଜର ହତୟାରକୁ ପକାଇ ଦିଅ । (ଅର୍ଥାତ ତାଙ୍କ ନିକଟରେ ସମର୍ପଣ କରିନିଅ) ଏବଂ ତାହାଙ୍କ ନିଷ୍ପତିକୁ ସମ୍ମାନ ଦୃଷ୍ଟିରେ ଦେଖ । ଫଳତଃ ତୁମେମାନେ ରସୁଲୁଲ୍ଲାଃ ସ ଅ ସ ଙ୍କ ପବିତ୍ର କଥାଗୁଡିକର ଆଦର ଓ ସମ୍ମାନକାରୀ ଭାବରେ ଅଭିହିତ ହେବ ।

ରସୁଲୁଲ୍ଲାଃ ସ ଆ ସଙ୍କ ସାକ୍ଷ୍ୟ ହିଁ ଯଥେଷ୍ଟ ଯେ ସେ ଏ ଆଶ୍ୱାସନା ଦେଇଛନ୍ତି ଯେ ସେ (ଅର୍ଥାତ ମସିହ ମଉଦ) ତୁମମାନଙ୍କର ଇମାମ ହେବେ । "ସେ ହକମ ଅଦଲ ହେବେ । ଯଦି ଏକଥାରେ ତୁମେ ସନ୍ତୁଷ୍ଟ ନୁହେଁ ତେବେ ପୁଣି କବେ ସନ୍ତୁଷ୍ଟ ହେବ । ଏପରି ପଦ୍ଧତି କେବେ ଭଲ ଏବଂ ଆଶୀର୍ବାଦପୂର୍ଣ୍ଣ ହୋଇପାରିବ ନାହିଁ ଯେ ଇମାନ ବି ରଖିଥିବ ଏବଂ ତତସହିତ ମନରେ କିଛି କୋଣରେ ସନ୍ଦେହ ବି ରଖିଥିବ ।''ବାହ୍ୟରୁ ତ ଏହା ପ୍ରକାଶ ହେଉଥିବ ଯେ ଆମେ ଇମାନ (ବିଶ୍ୱାସ) ନେଇ ଆସିଛୁ କିନ୍ତୁ ପୁଣି କେତେକ ମାମଲାରେ ସନ୍ଦେହ ବି ରଖିଥିବା । ପୁଣି ହଜରତ ମସିହ ମଉଦ ଆ ସ କହିଲେ ଯେ "....ଯେଉଁ ଲୋକମାନେ ମୋତେ ଅସ୍ୱୀକାର କରିଛନ୍ତି ଏବଂ ଯେଉଁମାନେ ମତେ ବିରୋଧ କରନ୍ତି, ସେମାନେ ବାସ୍ତବିକ ମୋତେ ଚିହ୍ନିଲେ ନାହିଁ ,ଏବଂ ଯେଉଁମାନେ ମୋତେ ସ୍ୱୀକାର କରିବା ପରେ ପୁଣି ଆପତି ଅଭିଯୋଗ କରୁଛନ୍ତି (ଅର୍ଥାତ ମୋ କଥାରେ ବିଶ୍ୱାସ ନକରି କିଛି ସନ୍ଦେହ ମନ ଭିତରେ ରଖୁଛନ୍ତି) ସେମାନେ ବି ବଡ ଦୁର୍ଭାଗ୍ୟବାନ ଯେ ସେମାନେ ଦେଖିବା ପରେ ବି ଅନ୍ଧ ହୋଇଗଲେ ।''*(ମଲଫୁଜାତ,ଖ-୦୩,ପୃ-୭୩-୭୪,ଏଡିଶନ ୧୯୮୪)*

ହଜରତ ମସିହ ମଉଦ ଆ ସ ହିଁ ନିଜ ପରେ ଖିଲାଫତ ଜାରି ରହିବା ବିଷୟରେ ସୂଚନା ଦେଇଥିଲେ । (ଉଦ୍ଧୃତାଂଶ ଅଲଓ୍ୱସିୟତ ପତ୍ରିକା ,ରୁହାନୀ ଖଜାଇନ୍,ଖ-୨୦,ପୃ-୩୦୬)ଏବଂ କେବଳ ହଜରତ ମସିହ ମଉଦ ଆ ସ ହିଁ ନୁହେଁ ବରଂ ହଜରତ୍ ମୁହମ୍ମଦ ମୁସ୍ତଫା ସ ଆ ସ ମଧ୍ୟ ମସିହ ଓ ମେହେଦୀଙ୍କ ଆଗମନ ସହିତ ଖିଲାଫତ କୟାମତ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଖବର ଦେଇଛନ୍ତି। *(ମସନଦ ଅହେମଦ ବିନ ହମ୍ବଲ, ଖ-୦୬,ପୃ-୨୮୫,ମସନଦୁଲ ନୁମାନ ବିନ ବଶୀର, ହଦିସ ୧୮୫୯୬, ଆଲମୁଲ କୁତୁବ ବେରୁତ ୧୯୯୮)*ଏବଂ ଖିଲାଫତ ଅହେମଦୀୟା ହେଉଛି ଏପରି ଏକ ପ୍ରଣାଳୀ ଯାହା ହଜରତ୍ ମସିହ ମଉଦ ଆ ସ ଙ୍କ କାର୍ଯ୍ୟଶୈଳୀ/କାର୍ଯ୍ୟପନ୍ଥା/ପଥ କୁ ଜାରି ରଖିଛି। ସେହି ହକମ ଏବଂ ଅଦଲ (ସେହି ନ୍ୟାୟ ନିଷ୍ପତିକାରୀ ବ୍ୟକ୍ତି ବିଶେଷ ଅର୍ଥାତ ହଜରତ୍ ମସିହ ମଉଦ ଆ ସ)ଙ୍କ ନିଷ୍ପତିକୁ ହିଁ ଜାରି ରଖିଛି । ନିଜ ଅହଦ୍ ରେ (ଅର୍ଥାତ ପ୍ରତିଶ୍ରୁତିରେ) ପ୍ରତ୍ୟେକ ଅହେମଦୀ ଖିଲାଫତ ପ୍ରତି ପ୍ରତିବଦ୍ଧତା ଏବଂ ଖିଲାଫତର ଆଜ୍ଞା ପାଳନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ତେଣୁ ଏହି ଅର୍ଥରେ,ଖିଲାଫତ ପ୍ରତି ପ୍ରତିବଦ୍ଧତା ଏବଂ ଖିଲାଫତର ଆଜ୍ଞା ପାଳନ କରିବା ପ୍ରତ୍ୟେକ ଅହେମଦୀର କର୍ତବ୍ୟ । ଅନ୍ୟଥା ସେମାନଙ୍କର ବୟତ ଅସମ୍ପୂର୍ଣ୍ଣ ରହିଯିବ । ତେଣୁ ଏହି ଦୃଷ୍ଟି କୋଣରୁ ମଧ୍ୟ ନିଜର ଇମାନ ଏବଂ ଆସ୍ଥାକୁ ବଢାଇବା ପାଇଁ ପ୍ରତ୍ୟେକ ଅହେମଦୀ ଚେଷ୍ଟା କରିବା ଉଚିତ ।

ପୁଣି ପବିତ୍ର କୁରଆନକୁ ଭଲ ଭାବରେ ଅଧ୍ୟୟନ କରିବା ପାଇଁ ତଥା ତାହାକୁ ଭଲ ଭାବରେ ବୁଝି ପାଠ କରିବା ପାଇଁ ଜମାତର ଲୋକମାନଙ୍କୁ ଧ୍ୟାନ ଆକର୍ଷଣ କରାଇ ହଜରତ୍ ମସିହ ମଉଦ ଆ ସ କହିଛନ୍ତି ଯେ:"ଯେଉଁମାନେ ମୋ ସହିତ ଜଡିତ ଅଛନ୍ତି ମୁଁ ସେମାନଙ୍କୁ ବାରମ୍ବାର ଏକଥା ପ୍ରତି ଧ୍ୟାନ ଆକର୍ଷଣ କରାଇ ଉପଦେଶ ଦେଉଅଛି ଯେ ସର୍ବଶକ୍ତିମାନ ଅଲ୍ଲାଃ ଏହି ସିଲସିଲାକୁ (ଅର୍ଥାତ ଏହି ସମ୍ପ୍ରଦାୟକୁ) ସତ୍ୟକୁ ପ୍ରକାଶ କରିବା ପାଇଁ ପ୍ରତିଷ୍ଠା କରିଛନ୍ତି । କାରଣ ଏହା ବ୍ୟତୀତ ଜଣକର ବ୍ୟବହାରିକ ଜୀବନରେ କୌଣସି ପ୍ରକାର ଆଲୋକ ବା ଜ୍ୟୋତି ସୃଷ୍ଟି ହୋଇପାରିବ ନାହିଁ ଏବଂ ମୁଁ ଏହା ଚାହୁଁଛି ଯେ ବ୍ୟବହାରିକ ଜୀବନର ସତ୍ୟତା ମାଧ୍ୟମରେ ଇସଲାମର ଉତମତା/ଉତ୍କର୍ଷତା ଏ ବିଶ୍ୱରେ ପ୍ରକାଶ ହେଉ । ଏହି କାର୍ଯ୍ୟକୁ କରିବା ପାଇଁ ହିଁ ଅଲ୍ଲାଃତାଲା ମୋତେ ନିୟୋଜିତ କରିଛନ୍ତି । ତେଣୁ ପବିତ୍ର କୁରଆନକୁ ବାରମ୍ବାର ପାଠ କରନ୍ତୁ । କିନ୍ତୁ ଏହାକୁ କୌଣସି କାହାଣୀ ଭାବରେ ପାଠ କରନାହିଁ । ଏହାକୁ ଏକ ଦର୍ଶନ ବୋଲି ବୁଝି ପାଠ କର ।''*(ମଲଫୁଜାତ, ଖ-୦୩,ପୃ-୧୫୫,ଏଡିଶନ ୧୯୮୪)*

ତେଣୁ ପ୍ରତ୍ୟେକଙ୍କୁ ନିଜ ନିଜର ସମୀକ୍ଷା କରିବା ଉଚିତ ଯେ ଏହି ଦୁନିଆର ବ୍ୟସ୍ତତାରେ ବୁଡି ଆମେ ନିଜ ବୟତର ଉଦ୍ଦେଶ୍ୟକୁ ତ ଭୂଲି ଯାଇନାହୁଁ !

ହଜରତ୍ ମସିହ ମଉଦ ଆ ସ କହିଛନ୍ତି ଯେ ପବିତ୍ର କୁରଆନର ଜ୍ଞାନ, ଦର୍ଶନ ଏବଂ ନିର୍ଦ୍ଦେଶାବଳୀକୁ ବୁଝାଇବା ପାଇଁ ଏବଂ ତାହା ଉପରେ ପରିଚାଳିତ କରାଇବା ପାଇଁ ଅଲ୍ଲାଃତାଲା ମୋତେ ନିୟୋଜିତ କରିଛନ୍ତି । ଯେଉଁମାନେ ମୋ ବୟତରେ ଅଛନ୍ତି,ସେମାନେ ଏହାର ମହତ୍ୱକୁ ବୁଝନ୍ତୁ ଏବଂ ପବିତ୍ର କୁରଆନର ଜ୍ଞାନ ଏବଂ ଦର୍ଶନ ଉପରେ ଚିନ୍ତାବିଚାର କରନ୍ତୁ (ଅର୍ଥାତ ଗଭୀର ଭାବରେ ଅଧ୍ୟୟନ କରନ୍ତୁ) । ଏହାର ଅର୍ଥ ଏବଂ ତଫସୀର (ଅର୍ଥାତ ବ୍ୟାଖ୍ୟା) କୁ ବୁଝିବା ପାଇଁ ଚେଷ୍ଟା କରନ୍ତୁ । ଏହା ସେପର୍ଯ୍ୟନ୍ତ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ହଜରତ ମସିହ ମଉଦ ଆ ସ ଙ୍କ ରୁହାନୀ ଖଜାଇନ୍ (ରୁହାନୀ ଖଜାଇନ୍ ର ଅର୍ଥ ହେଉଛି ଆଧ୍ୟାତ୍ମିକ ଭଣ୍ଡାର ଅର୍ଥାତ)ହଜରତ ମସିହ ମଉଦ ଆ ସ ଙ୍କ ଦ୍ୱାରା ଲେଖାଯାଇଥିବା ପୁସ୍ତକମାନ ଙ୍କୁ ବୁଝିବା ପାଇଁ ଏବଂ ପଢିବା ପାଇଁ ଚେଷ୍ଟା ନକରିବା । ପୁଣି ହଜରତ ମସିହ ମଉଦ ଆ ସ କହିଛନ୍ତି ଯେ ପବିତ୍ର କୁରଆନ କୌଣସି କାହାଣୀ ନୁହେଁ ବରଂ ତହା ଏକ ଜୀବନ ସଂହିତା ।

ଏକ କାର୍ଯ୍ୟ ଯୋଜନା,ଯାହା ଉପରେ ପରିଚାଳିତା ହେବା ପ୍ରତ୍ୟେକ ଅହେମଦୀ ମୁସଲମାନର କର୍ତବ୍ୟ ।

ଯଦି ଆମେ ଏଠାକୁ ଆସି,ଏହି ଦେଶଗୁଡିକୁ ଆସି ନିଜର ଉଦ୍ଦେଶ୍ୟକୁ ଭୂଲିଯିବା ଏବଂ ଦୁନିଆର ବ୍ୟସ୍ତତା ମଧ୍ୟରେ ରହି ସମ୍ପୂର୍ଣ୍ଣ ରୂପେ ସାଂସାରିକତାରେ ବୁଡି ରହିବା,ନିଜ ଘରର ପରିବେଶକୁ ପବିତ୍ର କୁରଆନର ଶିକ୍ଷା ମୁତାବକ ପରିଚାଳିତ କରିବା ପାଇଁ ଚେଷ୍ଟା କରିବା ନାହିଁ ତା'ହେଲେ ଆମ ପିଲାମାନେ ଏବଂ ଆମର ଉତର ପିଢି ଧର୍ମଠାରୁ ଦୂରେଇ ଯିବେ ଏବଂ ଏହା ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରବା ପରିବର୍ତେ ଏହା ଅଲ୍ଲାଃଙ୍କ ଆଶୀର୍ବାଦକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା କଥା ହେବ । ତେଣୁ ପ୍ରତ୍ୟେକ ଅହେମଦୀ,ସେ ପୁରୁଣା ଅହେମଦୀ ହୁଅନ୍ତୁ ବା ନୂଆ ହୁଅନ୍ତୁ । ଏଠାରେ ଜନ୍ମ ହୋଇଥିବା ଅହେମଦୀ ହୋଇଥାନ୍ତୁ ବା ହିଜରତ କରି ଏଠାକୁ ଆସିଥିବା ଅହେମଦୀ ହୁଅନ୍ତୁ, ସମସ୍ତେ ଏ ବିଷୟରେ ଚିନ୍ତା ବିଚାର କରିବା ଉଚିତ ଯେ ଅଲ୍ଲାଃତାଲାଙ୍କ ସମୀପତା ଏବଂ ତାହାଙ୍କ ଉପାସନାର ହକକୁ ପ୍ରଦାନ କରିବା ଏବଂ ଅଲ୍ଲାଃତାଲାଙ୍କ ପୁସ୍ତକକୁ ପାଠ କରିବା,ବୁଝିବା ଏବଂ ତାହାର ଶିକ୍ଷା ଉପରେ ପରିଚାଳିତ ହେବା ଆମର ମୂଳ ଉଦ୍ଦେଶ୍ୟ ହେବା ଉଚିତ । ତେବେ ଆମେ ବୟତର ହକକୁ ପ୍ରଦାନ କରିପାରିବା ।

ଯେଉଁମାନେ ଏଠାକୁ ହିଜରତ କରି ଆସିଛନ୍ତି ,ସେମାନେ ଏ ଦୁନିଆର ବିରୋଧରୁ ତ ବଂଚିଗଲେ କିନ୍ତୁ ଯଦି ଧର୍ମ ଉପରେ ପରିଚାଳିତ ନହେବେ ଏବଂ ପବିତ୍ର କୁରଆନକୁ ବୁଝିବେ ନାହିଁ ତେବେ ସେମାନେ ଅଲ୍ଲାଃତାଲାଙ୍କ କୃପା ଓ ଅନୁଗ୍ରହର

ଉତରାଧିକାରୀ ହୋଇପାରିବେ ନାହିଁ । ସେହିପରି ଯେଉଁମାନେ ହେଉଛନ୍ତି ନୂଆ ଅହେମଦୀ ବା ଏଠାରେ ରହୁଥିବା ପୁରୁଣା ଅହେମଦୀ ଅଛନ୍ତି,ସେମାନେ ମଧ୍ୟ ମନେ ରଖନ୍ତୁ ଯେ କେବଳ ବୟତ କରିବା ଦ୍ୱାରା ଏହି ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ । ଉଦ୍ଦେଶ୍ୟ ସେତେବେଳେ ପୂରଣ ହେବ ଯେତେବେଳେ ଆମ୍ଭେ ନିଜକୁ ଇସଲାମର ଶିକ୍ଷା ଉପରେ ପରଚାଳିତ କରାଉ ଥିବା । ଏହା ସେତେବେଳ ପର୍ଯ୍ୟନ୍ତ ହୋଇପାରିବ ନାହିଁ ଯେତେବେଳ ପର୍ଯ୍ୟନ୍ତ ଅମେ ଅଲ୍ଲାଃଙ୍କ ପୁସ୍ତକକୁ ପଢିବ ନାହିଁ କି ବୁଝିବା ନାହିଁ ।

ହଜରତ ମସିହ ମଉଦ ଆ ସ କୁହନ୍ତୁ : "ମୁଁ ସତ୍ୟ କହୁଅଛି ଯେ ଏହା ହେଉଛି ଏକ ସମାରୋହ ଯାହାକୁ ଅଲ୍ଲାଃତାଲା ଭାଗ୍ୟଶାଳୀ ଲୋକମାନଙ୍କ ପାଇଁ ସୃଷ୍ଟି କରିଛନ୍ତି । ସେମାନଙ୍କୁ ଶୁଭେଚ୍ଛା ଯେଉଁମାନେ ଏଥିରୁ ଲାଭ ଉଠାଉଛନ୍ତି । ତୁମେମାନେ ଯିଏ ମୋ ସହିତ ସମ୍ପର୍କ ଯୋଡିଅଛ,କଦାପି କଦାପି ଏଥିଯୋଗୁଁ ଗର୍ବ କରନାହିଁ ଯେ ଯାହା କିଛି ତୁମକୁ ପାଇବାର ଥିଲା ତାହା ତୁମେ ପାଇଗଲ । ଏକଥା ସତ୍ୟ ଅଟେ ଯେ ତୁମେମାନେ ସେହି ଅବିଶ୍ୱାସୀମାନଙ୍କ ଅପେକ୍ଷା ଅଧିକା ଭାଗ୍ୟଶାଳୀ ଯେଉଁମାନେ କଠୋରତାର ସହିତ ଅସ୍ୱୀକାର କରିଛନ୍ତି ତଥା ମୋତେ ଭିଷଣ ଭାବରେ ଅପମାନ କରିବାକୁ ଚେଷ୍ଟା କରି ଅଲ୍ଲାଃତାଲାଙ୍କୁ କ୍ରୋଧିତ କରିଛନ୍ତି । ସେହିପରି ଏହା ମଧ୍ୟ ସତ୍ୟ ଯେ ତୁମେମାନେ ଭଲ ନିୟତରେ କାମ କରି ଖୁଦାତାଲାଙ୍କ କ୍ରୋଧରୁ ନିଜକୁ ବଂଚାଇବା ପାଇଁ ଚେଷ୍ଟା କରିଅଛ କିନ୍ତୁ ସତ୍ୟ କଥା ହେଉଛି ଏହା କି ତୁମେ ଏବେ ସେହି ଝରଣା ନିକଟରେ ଆସି ପହଂଚିଯାଇଛ ଯାହାକୁ ବର୍ତମାନ ଅଲ୍ଲାଃତାଲା ଅନନ୍ତ ଜୀବନ ପାଇଁ ସୃଷ୍ଟି କରିଛନ୍ତି ହିଁ ପାଣି ପିଇବା ଏବେ ବାକି ଅଛି ।

ତେଣୁ ଅଲ୍ଲାଃତାଲାଙ୍କ କୃପା ଏବଂ ଅନୁଗ୍ରହର ସାମର୍ଥ୍ୟ ଲୋଡ ଯେ ସେ ତୁମର ତୃଷ୍ଣା ନିବାରଣ କରିବେ । କାରଣ ଅଲ୍ଲାଃତାଲାଙ୍କ ବ୍ୟତୀତ କିଛି ବି ହୋଇପାରିବ ନାହିଁ''ଅର୍ଥାତ ଅଲ୍ଲାଃଙ୍କ କୃପା ତଥା କରୁଣା ବ୍ୟତୀତ କିଛି ହୋଇପାରିବ ନାହିଁ। ତେଣୁ ଅଲ୍ଲାଃତାଲାଙ୍କ କୃପାକୁ ସର୍ବଦା ଚାହିଁ । ପୁଣି କହିଛନ୍ତି : "ମୁଁ ଏହା ନିଶ୍ଚିତ ରୂପେ ଜାଣିଛି ଯେ ଏହି ଝରଣାର ଜଳପାନ କରୁଥିବା ଲୋକ କେବେ ବି ନଷ୍ଟ ହେବନାହିଁ । କାରଣ ଏହି ଜଳ ହେଉଛି ଜୀବନ ପ୍ରଦାନକରୀ ଜଳ ଓ ମୃତ୍ୟୁରୁ ବଂଚାଇଥାଏ ଏବଂ ସଇତାନର ଆକ୍ରମଣରୁ ରକ୍ଷା କରିଥାଏ । ଏହି ଝରଣାରୁ ଜଳପାନ କରିବାର ପଦ୍ଧତି କ'ଣ ? ତାହା ହେଉଛି ଏହା କି ଅଲ୍ଲାଃତାଲା ତୁମ ଉପରେ ଯେଉଁ ଦୁଇଟି ହକ ରଖିଛନ୍ତି ତାହାକୁ ନିର୍ବାହ କର ଏବଂ ସମ୍ପୂର୍ଣ୍ଣ ରୂପେ ନିର୍ବାହ କର । ସେହି ମଧ୍ୟରୁ ଗୋଟିଏ ହେଉଛି ଅଲ୍ଲାଃତାଲାଙ୍କ ହକ୍ ଏବଂ ଅନ୍ୟଟି ହେଉଛି (ତାହାଙ୍କ) ସୃଷ୍ଟି ପ୍ରତି ଥିବା ହକ୍ । (ତାହାଙ୍କ ପ୍ରାଣୀଜଗତ ପ୍ରତି ଥିବା ହକ) । ଈଶ୍ୱରଙ୍କୁ ଏକ ଏବଂ ଅଦ୍ୱିତୀୟ ବୋଲି ଜାଣ । ଯେମିତି କି ଶାହାଦତ (ଅର୍ଥାତ ସାକ୍ଷ୍ୟ ଦେବା) ଜରିଆରେ ତୁମେ ସ୍ୱୀକାର କରୁଅଛ । ***ଅଶହଦୁ ଅନ ଲା ଇଲାହା ଇଲ୍ଲଲ୍ଲାଃ*** । ଅର୍ଥାତ ମୁଁ ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି (ବା ଅନ୍ୟ କୌଣସି) ପ୍ରିୟ , ଅଭିଳାଷା ଏବଂ ଆଜ୍ଞା ପାଳନ କରିବାର ସତା ନାହିଁ । ଏହା (ଅର୍ଥାତ ***ଅଶହଦୁ ଅନ ଲା ଇଲାହା ଇଲ୍ଲଲ୍ଲାଃ*** ) ହେଉଛି ଏପରି ପ୍ରିୟ ବାକ୍ୟ,ଯଦି ଏହା ଇହୁଦୀ,ଇସାଇ ଏବଂ ଅନ୍ୟ ମୁସରିକ ପିତୁଳା ପୂଜକ ମାନଙ୍କୁ ଶିଖାଯାଇଥାନ୍ତା ଏବଂ ସେମାନେ ଏହାକୁ ବୁଝିଥାନ୍ତେ,ତା'ହେଲେ ସେମାନେ କଦାପି ନଷ୍ଟ ହୋଇନଥାନ୍ତେ । ***(ମଲଫୁଜାତ,ଖ-୦୩, ପୃ-୧୮୪-୧୮୫,ଏଡିଶନ ୧୯୮୪)***

ଅତଏବ ଦେଖନ୍ତୁ ! କିପରି ହଜରତ ମସିହ ମଉଦ ଆ ସ ସାନ୍ତ୍ୱନା ଦେଇଛନ୍ତି ଏବଂ ନିଶ୍ଚିତ କରାଇଛନ୍ତି ଯେ ତୁମେ ଯେଉଁ ଝରଣା ନିକଟରେ ପହଂଚିସାରିଛ,ବୟତ କରି ଯେଉଁ କଥାର ସପଥ ନେଇଛ ଯଦି ସେଥିରୁ ଜଳ ପାନ କରିବ, ସେଥିରୁ ଲାଭ ଉଠାଇବ, କେବଳ କଥାରେ ନୁହେଁ ବରଂ କାର୍ଯ୍ୟରେ ମଧ୍ୟ କରି ଦେଖାଇବ ତାହେଲେ ଏହା ନିଶ୍ଚିତ ଯେ ତୁମର ଆଧ୍ୟାତ୍ମିକ ଜୀନନ କେବେ ବି ନଷ୍ଟ ହେବ ନାହିଁ । କାରଣ ହଜରତ୍ ମସିହ ମଉଦ ଆ ସ ହିଁ ପବିତ୍ର କୁରଆନର ବାର୍ତାକୁ ଏବଂ ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡିକୁ ଜାରି କରିବା ପାଇଁ ଏ ଧରାପୃଷ୍ଠକୁ ଆସିଥିଲେ । ପୁଣି କହିଲେ ଯେ,ତେଣୁ ଏକଥାକୁ ବୁଝିନିଅ ଯେ କେବଳ ବୟତ କରିନେବା ଯଥେଷ୍ଟ ନୁହେଁ ବରଂ ଅଲ୍ଲାଃତାଲା ତୁମର କର୍ମକୁ ଦେଖିବେ । ତେଣୁ ଯିଏ କର୍ମ କରିବ ସେ ଅଲ୍ଲାଃତାଲାଙ୍କ କୃପାରୁ ବଂଚିତ ହେବ ନାହିଁ । ସେ କେବେ ବି ବିନିଷ୍ଟ ହେବ ନାହିଁ । ଏହି ବ୍ୟବହାରିକ ଅବସ୍ଥା ସେତେବେଳେ ସୃଷ୍ଟି ହେବ ଯେବେ ***ଅଶହଦୁ ଅନ ଲା ଇଲାହା ଇଲ୍ଲଲ୍ଲାଃ*** ର ଏହି ବାକ୍ୟ ତୁମର ବାହ୍ୟ ଏବଂ ତୁମର ଭିତରର ସ୍ୱର ହୋଇଯିବ । ଯେତେବେଳେ ଅଲ୍ଲାଃଙ୍କଠାରୁ ଅଧିକା ପ୍ରିୟ ତୁମର ଆଉ କିଏ ନଥିବେ । ଅଲ୍ଲାଃତାଲାଙ୍କ ପ୍ରସନ୍ନତା ବ୍ୟତୀତ ତୁମକୁ ଆଉ କିଛି ଦରକାର ନଥିବ । ଅଲ୍ଲାଃତାଲାଙ୍କର ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରୁଥିବ । ଏବେ ପ୍ରତ୍ୟେକ ଏହି କଥାର ସମୀକ୍ଷା କରିପାରିବେ,ମୂଲ୍ୟାଙ୍କନ କରିପାରିବେ ଯେ ଯେବେ ଆମେ ଏହି କଲିମା (ଅର୍ଥାତ ***ଅଶହଦୁ ଅନ ଲା ଇଲାହା ଇଲ୍ଲଲ୍ଲାଃ*** )କୁ ପାଠ କରୁଅଛେ,କ'ଣ ସେତେବେଳେ ବାସ୍ତବିକ ଅଲ୍ଲାଃତାଲା ଆମକୁ ବକି ସମସ୍ତ ଜିନିଷଠାରୁ ଅଧିକା ପ୍ରିୟ କି ? ତାହାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା କ'ଣ ଆମର ଉଦ୍ଦେଶ୍ୟ ରହିଛି କି ? କ'ଣ ବାସ୍ତବିକ ଆମେମାନେ ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡିକୁ ସମ୍ପୂର୍ଣ୍ଣ ରୂପେ ମାନି ଚଳୁଅଛେ କି ?

ଯଦି ନମାଜ ପଢିବା ସମୟରେ ଆମକୁ ନମାଜ ପଢିବା ପ୍ରତି ତୁରନ୍ତ ଧ୍ୟାନ ଆକର୍ଷଣ ହେଉନାହିଁ,ଯଦି ଆମେ ଆମ ସାଂସାରିକ କାର୍ଯ୍ୟକୁ ଛାଡି ଅଲ୍ଲାଃତାଲାଙ୍କ ଆଦେଶକୁ ତୁରନ୍ତ ମାନି ନମାଜ ପଢିବା ପାଇଁ ଉପସ୍ଥିତ ହେଉନାହେଁ ତାହେଲେ ଆମେ ମୁହଁରେ ତ କଲିମା ପାଠ କରୁଅଛେ କିନ୍ତୁ ଆମ ମନ ଭିତରେ ଏକ ଗୁପ୍ତ ଶିର୍କ ରହିଛି । ଆମ ସାଂସାରିକ କରବାର ଅଲ୍ଲାଃତାଲାଙ୍କ ସମ୍ମୁଖରେ ଛିଡା ହୋଇଛି । ଜଣେ ମୋମିନ ତ ଏହି ବିଶ୍ୱାସରେ ଦଣ୍ଡାୟମାନ ହୋଇଥାଏ ଏବଂ ହେବା ଉଚିତ ଯେ ମୋ କାରବାରରେ ବରକତ୍,ମୋ କାମରେ ବରକତ ଅଲ୍ଲାଃଙ୍କ କୃପା ଓ ଅନୁଗ୍ରହ ଯୋଗୁଁ ହିଁ ହେବ । ପୁଣି ଏହା କିପରି ହୋଇପାରେ ଯେ ମୋ ସାଂସାରିକ କାର୍ଯ୍ୟସବୁ ଅଲ୍ଲାଃତାଲାଙ୍କ ମୁକାବିଲାରେ ଆସି ଛିଡା ହେବ । ଯଦି ଏପରି ହେଉଛି ତେବେ ଆମେ କଲିମାର ଆତ୍ମାକୁ ବୁଝି ହିଁ ନାହେଁ । ଆମେ ମୁହଁରେ ତ ଉଚ୍ଚାରଣ କରି ସ୍ୱୀକାର କରୁଅଛେ କିନ୍ତୁ ଆମର କାର୍ଯ୍ୟ ଆମ ସ୍ୱୀକାରୋକ୍ତିକୁ ସମର୍ଥନ କରୁନାହିଁ । ଆମେ ଜଳ ଝରଣା ନିକଟରେ ତ ଆସି ପହଂଚି ଯାଇଛେ କିନ୍ତୁ ପାଣି ପିଇବା ପାଇଁ ହାତ ବଢାଉ ନାହେଁ । ତେଣୁ ହଜରତ୍ ମସିହ ମଉଦ ଆ ସ କହିଲେ ଯେ ଯଦି ଏପରି ଅବସ୍ଥା ରହିଛି ତାହେଲେ ପୁଣି ବୟତର ହକ ତ ପୂରଣ ହେଲାନାହିଁ ।

ଏହି କଲିମା ଶାହାଦତ (ଅର୍ଥାତ ***ଅଶହଦୁ ଅନ ଲା ଇଲାହା ଇଲ୍ଲଲ୍ଲାଃ*** ) କେବଳ ଏକଥାର ଆଦେଶ ଦେଉନାହିଁ, ଏକଥା ପ୍ରତି ଧ୍ୟାନ ଆକର୍ଷଣ କରାଉ ନାହିଁ ଯେ ଅଲ୍ଲାଃତାଲାଙ୍କ ପ୍ରତି ଥିବା କର୍ତବ୍ୟକୁ ପ୍ରଦାନ କରିବା ବରଂ ଅଲ୍ଲାଃତାଲା ତାହାଙ୍କ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟକୁ ନିର୍ବାହ କରିବା ପାଇଁ ଯେଉଁ ଆଦେଶାବଳୀଗୁଡିକୁ ଦେଇଛନ୍ତି, ତାହା ଉପରେ ପରିଚାଳିତ ହେବା ପାଇଁ ମଧ୍ୟ ଧ୍ୟାନ ଆକର୍ଷଣ କରିବା । ଯେବେ ମଣିଷ ଏହି ଦୁଇଟି କର୍ତବ୍ୟକୁ ନିର୍ବାହ କରିବ ତେବେ ସେ ଜଣେ ପ୍ରକୃତ ମୋମିନ ହେବ,ତେବେ ସେ ଜଣେ ପ୍ରକୃତ ଅହେମଦୀ ମୁସଲମାନର ବୟତକୁ ସାକାର କରିବ ।

ପୁଣି ଏହି ବୟତ କରିଥିବା ଅହେମଦୀ ମୁସଲମାନମାନଙ୍କୁ ହଜରତ ମସିହ ମଉଦ ଆ ସ ଉପଦେଶ ପ୍ରଦାନ କରି କହିଛନ୍ତି ଯେ : "ଯଦି ସାଂସାରିକ ଲୋକମାନଙ୍କ ପରି ରହିବ ତେବେ ମୋ ହାତରେ ବୟତ କରି ତୌବାଃ କରିବାରେ କିଛି ବି ଲାଭ ହେବ ନାହିଁ । ମୋ ହାତରେ ତୌବାଃ କରିବା ଏକ ମୃତ୍ୟୁକୁ ଚାହିଁଥାଏ ଯଦ୍ୱାରା ତୁମେ ଏହି ନୂଆ ଜୀବନର ଆଉ ଏକ ଜନ୍ମ ପାଇପାରିବ ।''ଅର୍ଥାତ ବୟତ କରିବା ପରେ ତୁମକୁ ଏକ ନୂଆ ଆଧ୍ୟାତ୍ମିକ ଜୀବନ ମିଳିବା ଉଚିତ । ଯଦି ସେହି ଆଧ୍ୟାତ୍ମିକ ଜୀବନ ମିଳୁ ନାହିଁ ବରଂ ତାହା ବିପରୀତ ବସ୍ତୁବାଦ ଜୀବନର ଅଭିଳାଷା ଏବଂ ତା ପ୍ରତି ଥିବା ପ୍ରବଳ ଆଗ୍ରହ ରହିଛି ତେବେ ପୁଣି ଏପରି ବୟତ କରିବା ତୁମକୁ କୌଣସି ପ୍ରକାରର ଲାଭ ଦେବ ନାହିଁ । ପୁଣି ହଜରତ ମସିହ ମଉଦ ଆ ସ କହିଛନ୍ତି : "ବୟତ ଯଦି ହୃଦୟରୁ କରାଯାଇ ନାହିଁ ତାହେଲେ କୌଣସି ପ୍ରକାର ଫଳାଫଳ ମିଳେନାହିଁ ।

ମୋ ବୟତ କରିବା ଦ୍ୱାରା ଅଲ୍ଲାଃତାଲା ହୃଦୟର ସ୍ୱୀକାରୋକ୍ତି ଚାହୁଁଅଛି । ତେଣୁ ଯିଏ ଆନ୍ତରିକତାର ସହିତ ମୋତେ ଗ୍ରହଣ କରେ ଏବଂ ନିଜର ସମସ୍ତ ପାପରୁ ତୌବାଃ (ଅର୍ଥାତ ପଶ୍ଚାତାପ ଓ ଅନୁତାପ)କରେ,ତା'ହେଲେ ସେହି କ୍ଷମା ପ୍ରଦାନକାରୀ ତଥା ଦୟାମୟ ଈଶ୍ୱର ତା ପାପକୁ ନିଶ୍ଚିତ ରୂପେ କ୍ଷମା କରିବେ । ପୁଣି ସେ ଏପରି ହୋଇଯାଇଥାଏ, ଯେପରି ମା ପେଟରୁ ଏବେ ଏବେ ଜନ୍ମ ହୋଇଥିବା ଶିଶୁଟିଏ । ତା'ପରେ ପୁଣି ଫରିସ୍ତା (ଦେବଦୂତ) ମାନେ ତାହାର ସୁରକ୍ଷା କରିଥାନ୍ତି ।

ସେ ସମ୍ପୂର୍ଣ୍ଣ ରୂପେ ଜଣେ ନିର୍ଦ୍ଦୋଷ ବ୍ୟକ୍ତି ହୋଇଯାଏ । ପୁଣି ହଜରତ ମସିହ ମଉଦ ଆ ସ କହିଲେ ଯେ "ଗୋଟିଏ ଗାଁରେ ଯଦି ଜଣେ ବି ଭଲ ଲୋକ (ଅର୍ଥାତ ପୂଣ୍ୟବନ୍ତ ଲୋକ) ଥାଆନ୍ତି,ତେବେ ସେହି ଭଲ ଲୋକଟିକୁ ଦେଖି, ତା ଖାତିର ଅଲ୍ଲାଃତାଲା ସେହି ଗାଁ ଉପରେ ଅନୁଗ୍ରହ କରି ସେହି ଗାଁକୁ ବିନାଶରୁ ରକ୍ଷା କରିଥାନ୍ତି । କିନ୍ତୁ ଯେତେବେଳେ କୌଣସି ବିପର୍ଯ୍ୟୟ ଆସିଥାଏ,ସେତେବେଳେ ପୁଣି ତାହା ସମସ୍ତଙ୍କ ଉପରେ ପଡିଥାଏ । ତଥାପି ସେ ନିଜ ଭକ୍ତଜନଙ୍କୁ କୌଣସି ନା କୌଣସି ପ୍ରକାରେ ବଂଚାଇ ଥାନ୍ତି । ସୁନ୍ନତୁଲ୍ଲାଃ (ଅଲ୍ଲାଃତାଲାଙ୍କ କାର୍ଯ୍ୟଶୈଳୀ) ହେଉଛି ଏହା କି ଯଦି ଜଣେ ବି ପୂଣ୍ୟବାନ ଥାଆନ୍ତି ତାହେଲେ ତାଙ୍କ ଯୋଗୁଁ ଅନ୍ୟମାନଙ୍କୁ ବି ବଂଚାଇ ଦିଆଯାଏ ।''(ମଲଫୁଜାତ,ଖ-୦୩,ପୃ-୨୬୨,ଏଡିଶନ୍ ୧୯୮୪)

ତେଣୁ ଏହି ମୌଳିକ ନୀତିକୁ ସର୍ବଦା ମନେ ରଖିବା ଉଚିତ । ଅଲ୍ଲାଃତାଲା ନିଜର ଶୁଦ୍ଧ ସେବକମାନଙ୍କର ପ୍ରାର୍ଥନା ଶୁଣନ୍ତି ଏବଂ ସେମାନଙ୍କ ଉତ୍ତମ କାର୍ଯ୍ୟକୁ ଗ୍ରହଣ କରନ୍ତି । ତେଣୁ ଆମକୁ ଚେଷ୍ଟା କରିବା ଉଚିତ ଯେ ଆମର ଉପାସନା କେବଳ ଶୁଦ୍ଧ ଭାବରେ ଅଲ୍ଲାଃତାଲାଙ୍କ ପାଇଁ ହେବା ଉଚିତ । ଆମର ସମସ୍ତ କର୍ମ/କାର୍ଯ୍ୟ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ହେବା ଉଚିତ ।

ଆଜିକାଲି ଦୁନିଆର ଅବସ୍ଥା ଏହା ଦର୍ଶାଉଛି ଯେ ଅତ୍ୟନ୍ତ ଭୟଙ୍କର ବିନାଶର ମେଘ ଆମ ମୁଣ୍ଡ ଉପରେ ଘୂରି ବୁଲୁଛି । ଗତକାଲି ଆମେରିକାର ରାଷ୍ଟ୍ରପତି ଏ ବିବୃତି ଦେଇଥିଲେ ଯେ ଯଦି ଋଷର ରାଷ୍ଟ୍ରପତି ଆଣବିକ ଅସ୍ତ୍ର ବ୍ୟବହାର କରନ୍ତି,ତା'ହେଲେ ଏହାର ଜବାବରେ ଅନ୍ୟ ପାର୍ଶ୍ୱରୁ ମଧ୍ୟ ପ୍ରତିକ୍ରିୟା ଆସିବ । ତା ପରେ ଯେଉଁ ବିନାଶ ହେବ ତାହା ଏ ପୃଥିବୀକୁ ନିଃଶେଷ କରିଦେବାର କାରଣ ହେବ । ତେଣୁ ଏହି ଦେଶମାନଙ୍କରେ ରହୁଥିବା ଲୋକମାନେ,ଅର୍ଥାତ ଯେଉଁମାନେ ହିଜରତ କରି ଏଠାକୁ ଆସିଛନ୍ତି,ସେମାନେ ଏକଥା ଭାବିବା ଉଚିତ ନୁହେଁ ଯେ ଆମେ ଏଠାରେ ସୁରକ୍ଷିତ ଅଛୁ । କେହି ବି କେଉଁଠାରେ ସୁରକ୍ଷିତ ନୁହନ୍ତି । ଯେତେବେଳେ ଏହି ବଡ ବଡ ଦେଶର ନେତାମାନଙ୍କର ମୁଣ୍ଡ ଖରାପ ହୁଏ ସେତେବେଳେ ସେମାନେ କିଛି ବି ଦେଖନ୍ତି ନାହିଁ । ତେଣୁ ଏପରି ପରିସ୍ଥିତିରେ ଦୁଆ କରିବା ହେଉଛି ଅହେମଦୀମାନଙ୍କର କାମ । ନିଜର ଉପାସନାକୁ ଅଲ୍ଲାଃତାଲାଙ୍କ ପାଇଁ ଶୁଦ୍ଧ କରନ୍ତୁ । ଯେପରି ହଜରତ୍ ମସିହ ମଉଦ ଆ ସ କହିଛନ୍ତି ଯେ ପୂଣ୍ୟବାନ ଲୋକମାନଙ୍କ ଖାତିର,ନିଜର ଶୁଦ୍ଧ ସେବକମାନଙ୍କ ଖାତିର ଅଲ୍ଲାଃତାଲା ଅନ୍ୟମାନଙ୍କୁ ମଧ୍ୟ ରକ୍ଷା କରିଥାଏ। ଅଲ୍ଲାଃତାଲାଙ୍କ ବାଣୀରୁ ,ପବିତ୍ର କୁରଆନରୁ ଆମକୁ ଏହା ହିଁ ଜଣାପଡିଥାଏ । ତେଣୁ ଏ ଭରସାରେ,ଏ ଧାରଣାରେ କାହାକୁ ବସି ରହିବା ଉଚିତ ନୁହେଁ ଯେ ଏଠାକୁ ଆସି ବୋଧ ହୁଏ ଆମେ ସୁରକ୍ଷିତ ହୋଇଗଲେ ବା ଆମ

ପିଲାମାନଙ୍କର ଭବିଷ୍ୟତ ସୁରକ୍ଷିତ ହୋଇଗଲା ବୋଲି । ନୁହେଁ । ଏପରି ପରିସ୍ଥିତିରେ ଯଦି କିଏ ବଂଚାଇ ପାରେ ତ ସେ ହେଉଛନ୍ତି ସ୍ୱୟଂ ଅଲ୍ଲାଃତାଲା । ତେଣୁ ନିଜେ ବି ତାହାଙ୍କ ଆଗରେ ନତମସ୍ତକ ହୁଅନ୍ତୁ ଏବଂ ନିଜ ପିଢିକୁ ବି ତାହାଙ୍କ ଆଗରେ ନତମସ୍ତକ କରାନ୍ତୁ । ଫଳତଃ ନିଜକୁ ସୁରକ୍ଷିତ ରଖିବା ସଙ୍ଗେ ସଙ୍ଗେ ନିଜ ଉତର ପିଢିକୁ ବି ସୁରକ୍ଷିତ ରଖିପାରିବୋ

ଏ ଦୁନିଆ ଆମକୁ ବଂଚାଇବ ନାହିଁ । ଆମର ଏବଂ ଆମ ସନ୍ତାନମାନଙ୍କ ଭବିଷ୍ୟତକୁ ବଂଚାଇବାକୁ ହେବ । ତେଣୁ ଯଦି ଆମେ ଲା ଇଲାହା ଇଲ୍ଲଲ୍ଲାଃ ମୁହମ୍ମଦୁର ରସୁଲୁଲ୍ଲାଃ,ଏହି କଲିମାର ଯେଉଁ ହକ ଅଛି ତହାକୁ ପ୍ରଦାନ କରିବା ତାହେଲେ ଅଲ୍ଲାଃତାଲା ଆମର ବିନ୍ରମ ପ୍ରାର୍ଥନା ତଥା ଆମର ଉତମ କର୍ମ ଯୋଗୁଁ ଏ ଦୁନିଆକୁ ଏ ଜଗତକୁ ରକ୍ଷା କରିବେ ।

ଅତେବ ଆଜିକାଲି ଯେଉଁ ପରିସ୍ଥିତି ରହିଛି ଏପରି ପରିସ୍ଥିତିରେ ଏ ପ୍ରସଙ୍ଗରେ ମଧ୍ୟ ବହୁତ ଦୁଆ କରନ୍ତୁ । ଦୁନିଆର ଅବସ୍ଥା ଆହୁରି ଖରାପ ହେବା ପୂର୍ବରୁ ବହୁତ ଦୁଆ କରନ୍ତୁ ।

ହଜରତ ମସିହ ମଉଦ ଆ ସ କୁହନ୍ତି: "ପୂଣ୍ୟ ହେଉଛି ତାହା ଯାହା ସମୟ ପୂର୍ବରୁ କରାଯାଏ । ଯଦି ପରେ କିଛି କରନ୍ତି,ତେବେ କିଛି ଲାଭ ହେବ ନାହିଁ । ଯେଉଁ ପୁଣ୍ୟ କେବଳ ପ୍ରକୃତିର ଆବେଗରୁ ସୃଷ୍ଟି ହୋଇଥାଏ ଅଲ୍ଲାଃତାଲା ଏପରି ପୁଣ୍ୟକୁ ଗ୍ରହଣ କରିନଥାନ୍ତି। ଯେତେଳେ ଡଙ୍ଗା ବୁଡ଼ିବାକୁ ଲାଗେ ସେତେବେଳେ ସମସ୍ତେ କାନ୍ଦିଥାନ୍ତି ।'' ଡଙ୍ଗା ବୁଡ଼ିଲା ବେଳକୁ ସବୁ କାନ୍ଦିଥାନ୍ତି । ତା ପୂର୍ବରୁ ସମସ୍ତେ ହୁ ହା ରୋଳା କରିଥାନ୍ତି । "କିନ୍ତୁ ସେହି କାନ୍ଦିବା ଏବଂ ଚିତ୍କାର କରିବା ଯେହେତୁ ସ୍ୱତଃପୃତଃ ପ୍ରାକୃତିକ ରୂପେ ହୋଇଥାଏ,ତେଣୁ ତାହା ସେତେବେଳେ ଲାଭଦାୟକ ହୋଇପାରିବ ନାହିଁ । ତାହା ସେତେବେଳେ ଲାଭଦାୟକ ହେବ ଯେବେ ତା ପୂର୍ବରୁ ଶାନ୍ତିର ସ୍ଥିତି ଥିବା ସମୟରେ ହୋଇଥିବ ।''

ପୁଣି କହିଛନ୍ତି : "ନିଶ୍ଚିତ ରୂପେ ଏହା ଜଣ ଯେ ଅଲ୍ଲାଃତାଲାଙ୍କୁ ପାଇବାର ଏହା ହେଉଛି ଉପାୟ । ଯିଏ ସମୟ ପୂର୍ବରୁ ସତର୍କ ରହେ ଏବଂ ଜାଗ୍ରତ ହୋଇଥାଏ, ଏପରି ଜାଗ୍ରତ, ସତେ ଯେପରି ତା ଉପରେ ବଜ୍ରାଘାତ ହେବାକୁ ଯାଉଅଛି । କିନ୍ତୁ ତାଉପରେ ହୋଇନଥାଏ ।'' ଯଦି ସେ ଜାଗ୍ରତ ହେବ ଏବଂ ଏକଥା ଭାବିବ ଯେ ମୋ ଉପରେ ବିଜୁଳି ପଡିବ,ମୋ ଉପରେ ବଜ୍ରାଘାତ ହେବ, ତାହେଲେ ତାଉପରେ ବଜ୍ରାଘାତ ହୋଇନଥାଏ ସେହି ବିଜୁଳି ଚଡଚଡି କେତେ ବି ହେଉ ନା କାହିଁକି । "କିନ୍ତୁ ଯିଏ ବିଜୁଳିକୁ ଦେଖି ଚିତ୍କାର କରିଥାଏ ତା ଉପରେ ହିଁ ବଜ୍ରାଘାତ ହେବ ଏବଂ ତାକୁ ମାରିବ । ସେ ତ ବିଜୁଳିକୁ ହିଁ ଭୟ କରିଥାଏ ଅଲ୍ଲାଃତାଲାଙ୍କୁ ନୁହେଁ ।''

***(ମଲଫୁଜାତ,ଖ-୦୩,ପୃ-୨୬୫,ଏଡିଶନ ୧୯୮୪)***

ଅତ୍ୟନ୍ତ ସ୍ୱଷ୍ଟ ଭାବରେ ହଜରତ ମସିହ ମଉଦ ଆ ସ ଆମକୁ ଚେତାବନୀ ଦେଇଛନ୍ତି ଯେ ଯଦି ତୁମେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ରଖିବାକୁ ଚାହୁଁଛ ତାହେଲେ ଏବେ କର । ଏବେ ତ ବିପଦର ବାଦଲ ସାମାନ୍ୟ ଉଠିଛି ବା ଅତ୍ୟନ୍ତ ପକ୍ଷେ ଏପରି ସ୍ଥିତିରେ ଅଛି ଯେ ଯଦି ଚାହିଁବା ତାହେଲେ ତାହାକୁ ନିୟନ୍ତ୍ରଣ କରିପାରିବା । କିନ୍ତୁ ଏହା କୌଣସି ସମୟରେ ବି ବିସ୍ତାର ହୋଇପାରେ । ତେଣୁ ଆଜି ଅହେମଦୀମାନଙ୍କ ଇମାନ, ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ତଥା ଅହେମଦୀମାନଙ୍କ ଦୁଆ ଏ ଜଗତକୁ ବୁନାଶରୁ ବଂଚାଇ ପାରିବ ।

ଏ ଜଗତ ପାଇଁ ହୃଦୟରେ ସହାନୁଭୂତି ରଖି ଦୁଆ କରନ୍ତୁ । ନିଜ ନିଜର ପରିଧି ମଧ୍ୟରେ ରହି ଏ ସଂସାରବାସୀଙ୍କୁ ବୁଝାନ୍ତୁ ଯେ ହୁକୁକୁଲ୍ଲାଃ ଏବଂ ହୁକୁକୁଲ୍ ଇବାଦ୍ (ଅର୍ଥାତ ଅଲ୍ଲାଃଙ୍କ ପ୍ରତି ତଥା ତାହାଙ୍କ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟ)କୁ ନିର୍ବାହ କରିବା ପାଇଁ ଧ୍ୟାନ ନ ଦେବ ତାହେଲେ ଏହି ସୁନ୍ଦର ସଂସାରଟି ଏକ ମରୁଭୂମିରେ ପରିଣତ ହୋଇଯାଇପାରେ। ତେଣୁ ପ୍ରତ୍ୟେକ ଅହେମଦୀ ଏହି ଚିନ୍ତାଧାରା ସହିତ ନିଜ ନିଜର କର୍ତବ୍ୟକୁ ନିର୍ବାହ କରିବା ପାଇଁ ଚେଷ୍ଟା କରିବା ଉଚିତ ।

ଦୁଆ (ପ୍ରାର୍ଥନା) କରିବା ପ୍ରତି ଆହୁରି ଅଧିକା ଧ୍ୟାନ ଆକର୍ଷଣ କରାଇ ହଜରତ ମସିହ ମଉଦ ଆ ସ କୁହନ୍ତି : "ଦେଖନ୍ତୁ ! ତୁମେମାନେ କଠିନ ପରିଶ୍ରମ କରି କ୍ଷେତ ପ୍ରସ୍ତୁତ କରୁଛ,ଏପରି କରିବା ଦ୍ୱାରା ଲାଭର ଆଶା ରହିଥାଏ । ସେହିପରୁ ଶାନ୍ତିର ଦିନ କଠିନ ପରିଶ୍ରମ କରିବାର ଦିନ ଅଟେ । ଯଦି ଏବେ ତୁମେମାନେ ଅଲ୍ଲାଃତାଲାଙ୍କୁ ମନେ ରଖିବ (ଅର୍ଥାତ ଅଲ୍ଲାଃତାଲାଙ୍କୁ ଡାକିବ) ତାହେଲେ ତାହାର ମଜା ଚାଖିବ । ଯଦିଓ ଏ ସାଂସାରିକ କାର୍ଯ୍ୟର ମୁକାବିଲାରେ ନମାଜଗୁଡିକରେ ଉପସ୍ଥିତ ହୋଇ ନମାଜ ପଢିବା ବହୁତ କଷ୍ଟକର ମନେହୁଏ । ହଜରତ ମସିହ ମଉଦ ଆ ସ ବହୁତ ସ୍ୱଷ୍ଟ ଭାବରେ କହିଦେଇଛନ୍ତି ଯେ ଦେଖନ୍ତୁ ! ଏହି ସାଂସାରିକ କାର୍ଯ୍ୟର ମୁକାବିଲାରେ ନମାଜଗୁଡିକରେ ଉପସ୍ଥିତ ହେବା ବେଳେ ବଳେ ବହୁତ କଷ୍ଟକର ହୋଇଥାଏ ,ଏବଂ ତହଜ୍ଜୁଦ ନମାଜ ପଢିବା ପାଇଁ ତ ଆହୁରି ବି କଷ୍ଟ ଲାଗିଥାଏ । କହିଲେ ଯେ : କିନ୍ତୁ ଯଦି ଏବେ ନିଜକୁ ଏହାର ଅଭ୍ୟସ୍ତ କରିଦେବ, ତେବେ କୌଣସି ପ୍ରକାରର କଷ୍ଟ ହେବ ନାହିଁ ଯଦି ଦୁଆ କରିବ ତାହେଲେ ସେହି ଦୟାବାନ ସଦା କରୁଣାମୟ ଅଲ୍ଲାଃ ତୁମ ଉପରେ ଅନୁଗ୍ରହ କରିବେ । ପୁଣି କହିଛନ୍ତି : "ଦେଖନ୍ତୁ ! ଏବେ ତୁମେ କାମ କରିଥାଅ (ଅର୍ଥାତ ସାଂସାରିକ କାର୍ଯ୍ୟ କରିଥାଅ) ନିଜ ଜୀବନ ଏବଂ ନିଜ ପରିବାର ଉପରେ ତୁମେ ଦୟା କରିଥାଅ । (ଅର୍ଥାତ ସେମାନଙ୍କ ଆବଶ୍ୟକତା ବିଷୟରେ ତୁମେ ଚିନ୍ତା କରିଥାଅ) ପିଲା ମାନଙ୍କ ଉପରେ ତୁମେ ଦୟା କରିଥାଅ । ଯେଉଁଭଳି ତୁମେ ସେମାନଙ୍କ ଉପର ଏବେ ତୁମେ ଦୟା କରୁଅଛ । ଏହା ବି ଏକ ପ୍ରକାରର ପଦ୍ଧତି ଯେ (ଅର୍ଥାତ ଏ ସାଂସାରିକ ଦୃଷ୍ଟି କୋଣରୁ ତୁମେମାନେ ଯେପରି ଦୟା କରିଥାଅ ସେହିପରି ଆଉ ଏକ ଉପାୟ/ପଦ୍ଧତି ବି ରହିଛି । ସେହି ଉପାୟ କ'ଣ )ନମାଜରେ ସେମାନଙ୍କ ପାଇଁ ଦୁଆ କର । ରୁକୁରେ ବି ଦୁଆ କର । ପୁଣି ସଜଦାଃରେ ବି ଦୁଆ କର ଯେ ଅଲ୍ଲାଃତାଲା ଏହି ବିପତିକୁ ଟାଳି ଦିଅନ୍ତୁ ଏବଂ ଦଣ୍ଡରୁ ରକ୍ଷା କରନ୍ତୁ । ଯିଏ ଦୁଆ କରିଥାଏ ସେ ବଂଚିତ ରହେନାହିଁ

ଏହା କେବେ ବି ସମ୍ଭବ ନୁହେଁ ଯେ ଦୁଆ କରୁଥିବା ବ୍ୟକ୍ତି ଜଣେ ଖରାପ ଲୋକ ପରି ମରିଯିବ । ଏପରି ହେଲେ ଅଲ୍ଲାଃତାଲାଙ୍କୁ କିଏ ବା ଚିହ୍ନିବ । ସେ ନିଜର ସତ୍ୟବାଦୀ ଭକ୍ତ ଏବଂ ଅନ୍ୟମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରଭେଦ କରିନେଇଥାଏ । ଜଣେ ଧରାପଡିଥାଏ ଏବଂ ଅନ୍ୟ ଜଣକୁ ବଂଚାଇ ଦିଆଯାଏ । ସୁତରାଂ ଏପରି କାର୍ଯ୍ୟ କର ଯେ ତୁମମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ଆନ୍ତରିକତା ସୃଷ୍ଟି ହୋଇଯାଉ ।

***(ମଲଫୁଜାତ,ଖ-୦୩,ପୃ-୨୬୬,ଏଡିଶନ ୧୯୮୪)***

ଯଦିଓ ସେ ସମୟରେ ହଜରତ ମସିହ ମଉଦ ଆ ସ ଏପରି କଥା କହିଥିଲେ,ଯେବେ ତାଉନ ଅର୍ଥାତ ପ୍ଲେଗ ମହାମାରୀ ବ୍ୟାପି ରହିଥିଲା । କିନ୍ତୁ ଆଜିକାଲି ଯେଉଁ ବିଶ୍ୱବ୍ୟାପୀ ବିନାଶର ଲକ୍ଷଣ ଦେଖାଯାଉଛି,ଯେପରି ମୁଁ କହିସାରିଛି ଯେ ଏଥିପାଇଁ ଜରୁରୀ ଅଟେ ଯେ ଆମେ ଅଲ୍ଲାଃତାଲାଙ୍କ ନିକଟରେ ବିଶେଷ ଭାବରେ ନଇଁବା । ଏହା ହିଁ ନିଜକୁ ସୁରକ୍ଷିତ କରିବା ପାଇଁ ଏବଂ ଏ ସଂସାରବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ଏକ ମାତ୍ର ଉପାୟ ।

ପୁଣି ହଜରତ୍ ମସିହ ମଉଦ ଆ ସ ଆମ ଜମାତକୁ ଉଚ୍ଚ ନୈତିକତାକୁ ଆପଣେଇବା ପାଇଁ ବିଶେଷ ଭାବରେ ଉପଦେଶ ଦେଇଛନ୍ତି। କାରଣ ଉଚ୍ଚ ନୈତିକତା ଦେଖାଇବା ମଧ୍ୟ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀଗୁଡିକ ମଧ୍ୟରୁ ଅନ୍ୟତମ ଆଦେଶ । ସୁତରାଂ ହଜରତ୍ ମସିହ ମଉଦ ଆ ସ କହିଛନ୍ତି : "ନୈତିକତା (ଅର୍ଥାତ ଚରିତ୍ର) କୁ ସଂଶୋଧନ କରିବା ହେଉଛି ଅତ୍ୟନ୍ତ କଷ୍ଟକର କାର୍ଯ୍ୟ । ଯେପର୍ଯ୍ୟନ୍ତ ମଣିଷ ନିଜକୁ ଅଧ୍ୟୟନ ନକରିଛି,ସେପର୍ଯ୍ୟନ୍ତ ଏହି ସଂସ୍କାର ହୋଇପାରିବ ନାହିଁ ।''ତୁମେ ନିଜ ନିଜର ସମୀକ୍ଷା କରିବା ଉଚିତ ଯେ ତୁମେ ସାରା ଦିନ କ'ଣ କାମ କଲ । କିପରି ଜୀବନ ବିତାଇଲ । କେମିତି ଦିନ କାଟିଲ,ଏହାର ସମୀକ୍ଷା ନକରିଛ ଯେ ତୁମେ କ'ଣ ଭଲ କଥା କରିଛ,କ'ଣ ଖରାପ କଥା ହୋଇଛ । ଯେପର୍ଯ୍ୟନ୍ତ ସମୀକ୍ଷା ନକରିଛ ସେପର୍ଯ୍ୟନ୍ତ ସୁଧାର ହୋଇ ପାରିବ ନାହିଁ । ପୁଣି ହଜରତ ମସିହ ମଉଦ ଆ ସ କହିଲେ : "କୁଭାଷା ଶତୃତା ସୃଷ୍ଟି କରିଥାଏ । ତେଣୁ ନିଜ ଭାଷାକୁ ସର୍ବଦା ନିୟନ୍ତ୍ରଣରେ ରଖିବା ଉଚିତ ।''

ପୁଣି କହିଲେ ଯେ "ଦେଖନ୍ତୁ ! କୌଣସି ବ୍ୟକ୍ତି ସେହି ବ୍ୟକ୍ତି ସହିତ ଶତୃତା କରିପାରିବ ନାହିଁ ଯାହାକୁ ସେ ନିଜର ଉପକାରୀ ବୋଲି ଭାବିଥାଏ । ତାହେଲେ ପୁଣି ଏପରି ବ୍ୟକ୍ତି କେଡେ ମୂର୍ଖ, ଯିଏ ନିଜ ଉପରେ ବି ଦୟା କରୁନାହିଁ ଏବଂ ନିଜ ଜୀବନକୁ ବିପଦରେ ପକାଇ ଦେଉଛି ଓ ସେ ନିଜର ଶକ୍ତି ଓ ସାମର୍ଥ୍ୟ ଦ୍ୱାରା ଭଲ କାମ କରୁନାହିଁ କି ନିଜ ଚରିତ୍ର ନିର୍ମାଣ ପାଇଁ ପଦକ୍ଷେପ ନେଉ ନାହିଁ'' ***(ମଲଫୁଜାତ, ଖ-୦୩, ପୃ-୩୪୬, ଏଡିଶନ୍ ୧୯୮୪)*** ଅର୍ଥାତ ବୁଦ୍ଧିମାନ କାମ ହେଉଛି ଏହା କି ଯାହା କିଛି ଶକ୍ତି ଏବଂ ସାମର୍ଥ୍ୟ ମଣିଷ ମଧ୍ୟରେ ରହିଛି,ଯାହା ତାକୁ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି,ସେ ତାହାକୁ ଏପରି ପ୍ରଶିକ୍ଷଣ କରୁ ତାକୁ ଏପରି ବ୍ୟବହାର କରାଯାଉ ଯେ ମଣିଷର ପ୍ରତ୍ୟେକ କାର୍ଯ୍ୟରୁ ଉତମ ଚରିତ୍ର ଉତମ ନୈତିକତା ପ୍ରକାଶ ହେଉଥିବ । ଟିକିଏ ଟିକିଏ କଥାରେ ଯଦି ଅନୈତିକତା ପ୍ରଦର୍ଶନ କରିବ ତାହେଲେ ନିଜ ଜୀବନକୁ ନିଜେ ଅସୁବିଧାରେ ପକାଇବ ।

ଏହା ମଧ୍ୟ ମନେରଖିବା ଉଚିତ ଯେ ଯେଉଁଠି ଇସଲାମ ନିଜସ୍ୱ ମାମଲାରେ ଧୈର୍ଯ୍ୟ, ଆତ୍ମ ନିୟନ୍ତ୍ରଣ,ସଂଯମତା ଏବଂ ଉତମ ଚରିତ୍ର ପ୍ରଦର୍ଶନ ତଥା ଲଢେଇ ଝଗଡାରୁ ବଂଚିବା ପାଇଁ ଉତ୍ସାହିତ କରିଥାଏ,ସେଠାରେ ଆଇନ କାନୁନର ସୀମାରେ ରହି ଧାର୍ମିକ ଆତ୍ମ ସ୍ୱାଭିମାନ ଦେଖାଇବା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଇଥାଏ । ଅତେବ ହଜରତ ମସିହ ମଉଦ ଆ ସ ଏହି ଧାର୍ମିକ ସ୍ୱାଭିମାନକୁ ଅଭିବ୍ୟକ୍ତ କରିବା ପ୍ରସଙ୍ଗରେ ଧ୍ୟାନ ଆକର୍ଷଣ କରାଇ କୁହନ୍ତି: "ଏପରି ବ୍ୟକ୍ତି ଯିଏ ଏହି ସିଲସିଲାଃ ଆଲିୟାଃ ଅର୍ଥାତ ଇସଲାମ ଧର୍ମରୁ ଖୋଲା ଖୋଲି ଭାବରେ ବାହାରିଗଲା,ଗାଳି ଗୁଲଜ କରୁଅଛି ଏବଂ ଭିଷଣ ଭାବରେ ଶତୃତା କରୁଅଛି,ତା ମାମଲା ସମ୍ପୂର୍ଣ୍ଣ ଅଲଗା । ଯେମିତି ସାହାବା ରଜିଅଲ୍ଲାଃ ତାଲା ମଧ୍ୟ ଏପରି ଅସୁବିଧାର ସମ୍ମୁଖିନ ହୋଇଥିଲେ ଏବଂ ସେମାନେ ନିଜ ସମ୍ପର୍କୀୟମାନଙ୍କଠାରୁ ଇସଲାମକୁ ଅପମାନ କରାଯିବାର କଥାକୁ ଶୁଣିଲେ । ପୁଣି ସେମାନଙ୍କର ସମ୍ପର୍କ ବହୁତ ଘନିଷ୍ଠ ଥିବା ସତ୍ୱେ ମଧ୍ୟ ସେମାନେ ଇସଲାମକୁ ଅଗ୍ରାଧିକାର ଦେଇଥିଲେ ।''

ପୁଣି ହଜରତ ମସିହ ମଉଦ ଆ ସ କୁହନ୍ତି: ".....ଏମିତି ଜଣେ ଲୋକ ଯିଏ ଇସଲାମର ଭିଷଣ ଶତୃ ଏବଂ ସେ ରସୁଲୁଲ୍ଲାଃ ସ ଆ ସଙ୍କୁ ଗାଳି ଗୁଲଜ ଦେଇଥାଏ,ଏପରି ଲୋକଠାରୁ ଦୂରେଇ ରହିବା ଉଚିତ ତଥା ତା ପ୍ରତି ଘୃଣା ପ୍ରଦର୍ଶନ କରିବା ଉଚିତ । କିନ୍ତୁ ଯଦି କୌଣସି ବ୍ୟକ୍ତି ଏପରି ଥାଏ,ଯିଏ ନିଜ କର୍ମରେ ଅବହେଳା ପ୍ରଦର୍ଶନ କରୁଥାଏ,ତାହେଲେ ସେ ଏହାର ଯୋଗ୍ୟ ଯେ ତା ଦୋଷ ତୃଟିକୁ କ୍ଷମା କରିଦେବା ଉଚିତ ଏବଂ ତା ସହିତ ଯେଉଁ ସମ୍ପର୍କ ରଖିଛି ସେହି ସମ୍ପର୍କରେ କିଛି ଭଙ୍ଗା ନ ପଡୁ । ***(ମଲଫୁଜାତ, ଖ-୦୩,ପୃ-୩୪୬,ଏଡିଶନ୍ ୧୯୮୪)***

ହଁ ଯଦି କେହି ତୁମର ବିରୋଧ କରୁନାହିଁ, ତେବେ ତା ସହିତ ସମ୍ପର୍କ ରଖ । ସୁସମ୍ପର୍କ ରଖ । କିନ୍ତୁ ଯିଏ ଖୋଲା ଖୋଲି ଭାବରେ ବିରୋଧ କରୁଛି ବା ଇସଲାମକୁ ତଥା ଆଁହଜରତ ସ ଆ ସ ଙ୍କୁ ଗାଳି ଗୁଲଜ କରୁଅଛି,ତାକୁ ଯେତେ ବୁଝାସୁଝା କରିବା ସତ୍ୱେ ବି ସେ ବୁଝୁନାହିଁ ତା'ହେଲେ ସେଠାରେ ନିଜ ଧର୍ମର ଆତ୍ମ ସ୍ୱଭିମାନ ଦେଖାଇବା ଉଚିତ । ସେହି ପ୍ରତ୍ୟେକ ଅହେମଦୀଙ୍କୁ ହଜରତ ମସିହ ମଉଦ ଆ ସ ଙ୍କ ମାମଲାରେ ବି ଆତ୍ମ ସ୍ୱାଭିମାନ ପ୍ରଦର୍ଶନ କରିବା ଉଚିତ ।

ଏତେ ସବୁ ବୁଝାସୁଝା କରିବା ସତ୍ୱେ ବି ଯେଉଁ ଲୋକ ହଜରତ ମସିହ ମଉଦ ଆ ସ ଙ୍କ ବିରୋଧରୁ ନିବୃତ ରହୁନାହିଁ ତା ସହିତ ଆମେ ବନ୍ଧୁତ୍ୱର ହାତ ବଢାଇ ପାରିବୁ ନାହିଁ କି କୌଣସି ଅହେମଦୀର ଆତ୍ମ ସ୍ୱାଭିମାନ ଏହାକୁ ବରଦାସ୍ତ କରିପାରିବ ନାହିଁ ।

ଆପଣମାନଙ୍କ ମଧ୍ୟରୁ ଅନେକ ଅଛନ୍ତି,

ଯେଉଁମାନେ ପାକିସ୍ତାନରୁ ଏଠାକୁ ଆସିଛନ୍ତି । ସେମାନଙ୍କୁ ନିଜର ବ୍ୟକ୍ତିଗତ ଅଭିଜ୍ଞତା ଥିବ ଯେ ସେଠିକାର ତଥାକଥିତ ମୁଲ୍ଲାମାନେ କିପରି ହଜରତ ମସିହ ମଉଦ୍ ଆ ସ ଙ୍କ ବିରୁଦ୍ଧରେ କୁଭାଷା ପ୍ରୟୋଗ କରିଥାନ୍ତି । ଯଦି ଆମକୁ କୁହାଯାଏ ଯେ ଏମାନଙ୍କ ସହିତ ପ୍ରେମ ବ୍ୟକ୍ତ କରାଯାଉ ବା ସେମାନଙ୍କ ମନ୍ଦତା ସେମାନଙ୍କ ଉପରେ ଓଲଟି ପଡିବା ପାଇଁ ବଦ ଦୁଆ (ଅର୍ଥାତ ଅଭିଷାପ) ଦିଆ ନଯାଉ, ତାହେଲେ ଆମର ଆତ୍ମ ସ୍ୱାଭିମାନ ଏହାକୁ ଅନୁମତି ଦେବନାହିଁ। ସେହି ନୀତି,ସେହି ସିଦ୍ଧାନ୍ତ ଯାହା ହଜରତ ମସିହ ମଉଦ ଆ ସ ଆମକୁ ବତାଇଛନ୍ତି ତାହା ଏଠାରେ ଚାଲିବ । ହଁ ଆମେ ଏପରି ଲୋକମାନଙ୍କ ବିରୁଦ୍ଧରେ କାନୁନକୁ ନିଜ ହାତରେ ନେବା ନାହିଁ । କାରଣ ଏହା ବି ଇସଲାମୀୟ ଶିକ୍ଷାର ଏକ ଅଂଶ ବିଶେଷ ଯେ କୌଣସି ପ୍ରକାରେ ବି ଆଇନ କାନୁନକୁ ନିଜ ହାତରେ ନେବା ଉଚିତ ନୁହେଁ ।

ପୁଣି ହଜରତ ମସିହ ମଉଦ ଆ ସ ଆଉ ଏକ ଗୁଣ ବିଷୟରେ ବର୍ଣ୍ଣନା କରିଛନ୍ତି ଯେ ସେହି ଗୁଣଟି ବୟତ କରିବା ପରେ ଜଣେ ଅହେମଦୀଙ୍କ ନିକଟରେ ରହିବା ଉଚିତ । ସୁତରାଂ ହଜରତ ମସିହ ମଉଦ ଆ ସ କହିଲେ ଯେ ଆପୋଷରେ ପ୍ରେମ ଏବଂ ଭାଇଚାରା ସୃଷ୍ଟି କର ।

ଏହାର ଶିକ୍ଷା ପ୍ରଦାନ କରି ହଜରତ ମସିହ ମଉଦ ଆ ସ କହିଛନ୍ତି ଯେ ଆମ ଜମାତ ସେପର୍ଯ୍ୟନ୍ତ ସମୃଦ୍ଧ ହେବନାହିଁ ଯେପର୍ଯ୍ୟନ୍ତ ସେମାନେ ଆପୋଷରେ ପ୍ରକୃତ ସହାନୁଭୂତି ପ୍ରଦର୍ଶନ କରିନାହାଁନ୍ତି । ଯେଉଁମାନଙ୍କୁ ସମ୍ପୂର୍ଣ୍ଣ ଶକ୍ତି (ଓ ଦକ୍ଷତା) ଦିଆଯାଇଛି,ସେମାନେ ଦୃବଳମାନଙ୍କୁ ଭଲ ପାଆନ୍ତୁ (ସେମାନଙ୍କୁ ସାହାଯ୍ୟ କରନ୍ତୁ) । ଅର୍ଥାତ ଯାହା କିଛି ବି ଶକ୍ତି ସାମର୍ଥ୍ୟ ଦିଆ ଯାଇଅଛି,ତାହାକୁ ବ୍ୟବହାର କରି ଦୃବଳମାନଙ୍କୁ ଭଲପାଅ, ଘୃଣା ପ୍ରକାଶ କରନାହିଁ । ହଜରତ ମସିହ ମଉଦ ଅ ସ କହିଛନ୍ତି ଯେ ମୁଁ ଏପରି କଥା ଶୁଣିବାକୁ ପାଉଛି ଯେ ଯଦି ଜଣେ ଅନ୍ୟ ଜଣକର ଭୂଲକୁ ଦେଖୁଛି, କିନ୍ତୁ ତା ସହିତ ସହାନୁଭୁତି ନଦେଖାଇ ତା ସହିତ ସୁବ୍ୟବହାର ନକରି ତାକୁ ଘୃଣା କରୁଛି । ହଜରତ ମସିହ ମଉଦ ଆ ସ କହିଲେ ଯେ ଏପରି ଶୈଳୀ ଠିକ ନୁହେଁ । ହଜରତ ମସିହ ମଉଦ ଆ ସ କହିଲେ ଯେ ଜମାତ ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ତୁମେ ପରସ୍ପରର ଦୋଷ ଦୃବଳତାକୁ ଘୋଡାଇ ଦେବ ଏବଂ ପ୍ରକୃତ ଭାଇ ପରି ଜଣେ ଆଉ ଜଣକ ସହିତ ବ୍ୟବହାର କରିବ । ହଜରତ ମସିହ ମଉଦ ଆ ସ ବହୁତ ଦରଦର ସହିତ କହିଛନ୍ତି ଯେ ଏପରି ଶୈଳୀ ଠିକ ନୁହେଁ ଯେ ଆମ ଜମାତରେ ଆଭ୍ୟନ୍ତରୀଣ ବିଭାଜନ ହେଉ । ସହାବାମାନେ ମଧ୍ୟ ଆପୋଷରେ ପ୍ରେମଭାବ ତଥା ଭାଇଚାରା ସୃଷ୍ଟି କରିଥିଲେ, ଫଳତଃ ସେମାନେ ଗୋଟିଏ ଜମାତ ହୋଇଗଲେ । ହଜରତ ମସିହ ମଉଦ ଆ ସ ନିଜ ଜମାତର ଲୋକମାନଙ୍କଠାରୁ ମଧ୍ୟ ଏ ଆଶା ରଖିଛନ୍ତି ଯେ ସେମାନେ ପରସ୍ପର ସହିତ ସାହାବାମାନଙ୍କ ପରି ଭାଇଚାରାର ସମ୍ପର୍କ ସ୍ଥାପନ କରନ୍ତୁ । ସୁତରାଂ ସେ କୁହନ୍ତୁ : ଏହିପରି ଅଲ୍ଲାହତାଲା ଏହି ସମ୍ପ୍ରଦାୟକୁ ସମାନ ଭାବରେ ପ୍ରତିଷ୍ଠା କରିଛନ୍ତି । (ଅର୍ଥାତ ଯେପରି ସାହାବ ର ଅ ମାନଙ୍କର ଭାଇଚାରାର ସୃଷ୍ଟି କରିବାର କ୍ରମ ଥିଲା) ଠିକ ସେହି ପ୍ରକାରର ଭାଇଚାରା ସେ ଏଠାରେ ପ୍ରତିଷ୍ଠା କରିବ । ଅଲ୍ଲାଃତାଲାଙ୍କ ଉପରେ ମୋର ବହୁତ ଭରସା ରହିଛି । ପୁଣି ହଜରତ ମସିହ ମଉଦ ଆ ସ କହିଲେ ଯେ ଦେଖ ! ଅନ୍ୟକୁ ଦୋଷ ଦେବା,ଅନ୍ୟର ହୃଦୟକୁ ଆଘାତ ପହଂଚାଇବା ଏବଂ କଠୋର ଶବ୍ଦ ବ୍ୟବହାର କରି କାହାର ମନକୁ ଦୁଃଖ ଦେବା ଏବଂ ଦୁର୍ବଳ ତଥା ନମ୍ର ସ୍ୱଭାବର ଲୋକମାନଙ୍କୁ ତୁଚ୍ଛ ମଣିବା ହେଉଛି ଭୟଙ୍କର ପାପ । ***(ମଲଫୁଜାତ, ଖ-୦୩,ପୃ-୩୪୮-୩୪୯,ଏଡିଶନ୍ ୧୯୮୪)***

ତେଣୁ ଉତମ ଚରିତ୍ର (ଉତମ ନୈତିକତା) ହେଉଛି ଏହା କି ପରସ୍ପର ଭାବନାର ଯତ୍ନ ନେବା । ଯେତେବେଳେ ଏପରି ହେବ ସେତେବେଳେ ଆମେ ହଜରତ ମସିହ ମଉଦ ଆ ସ ଙ୍କ ଭରସାକୁ ସାକାର କରିପାରିବା । ସେତେବେଳେ ଆମେ ସେହି ପୁରସ୍କାର ଗୁଡ଼ିକର ଅଧିକାରୀ ହୋଇ ପାରିବା,ଯେଉଁ ପୁରସ୍କାର ଗୁଡିକର ପ୍ରତିଶୃତି ଅଲ୍ଲାଃତାଲା ହଜରତ ମସିହ ମଉଦ ଆ ସଙ୍କ ଜମାତ ସମ୍ବନ୍ଧରେ ପ୍ରଦାନ କରିଥିଲେ । ସେତେବେଳେ ଆମେ ଅଲ୍ଲାଃତାଲାଙ୍କ କୃପା ଏବଂ ଅନୁଗ୍ରହକୁ ପ୍ରାପ୍ତ କରି ପାରିବା ।

ହଜରତ ମସିହ ମଉଦ ଆ ସଙ୍କ ସମୟରେ ଭାରତର ବିଭିନ୍ନ ଜାତିର ଲୋକମାନେ ଏବଂ ବିଭିନ୍ନ ସମ୍ପ୍ରଦାୟର ଲୋକେ ଜମାତରେ ସାମିଲ ହୋଇଥିଲେ । ଏବେ ତ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ ସଙ୍କ ସହିତ କରିଥିବା ପ୍ରତିଶୃତି ମୁତାବକ ପୃଥିବୀର ବିଭିନ୍ନ ଜନଜାତି, ଭିନ୍ନ ଭିନ୍ନ ସମ୍ପ୍ରଦାୟ ତଥା ବିଭିନ୍ନ ବର୍ଣ୍ଣ ଓ ଜାତିର ଲୋକମାନଙ୍କୁ ଜମାତରେ ସାମିଲ କରିସାରିଛନ୍ତି ଏବଂ କରିଚାଲିଛନ୍ତି । ତେଣୁ ଅଲ୍ଲାଃତାଲାଙ୍କର ବିଭିନ୍ନ ଜାତି ବିଭିନ୍ନ ବର୍ଗର ଲୋକମାନଙ୍କ ଉପରେ ଏ ଅନୁଗ୍ରହ ଯେ ସେ ସେମାନଙ୍କୁ ଆଁ ହଜରତ ସ ଆ ସଙ୍କ ଜମାତରେ ସାମିଲ ହେବା ପାଇଁ ଆଁ ହଜରତ ସ ଆ ସଙ୍କ ସଚ୍ଚା ଦାସଙ୍କ ଜମାତରେ ସାମିଲ ହେବା ପାଇଁ ସୁଯୋଗ ପ୍ରଦାନ କରିଛନ୍ତି ଏବଂ ସେମାନଙ୍କୁ ଗୋଟିଏ ଜାତିରେ ପରିଣତ କରିଦେଲା । ହଜରତ ମସିହ ମଉଦ ଆ ସ ଏଥି ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ଯେ ତୁମେମାନେ ହେଉଛ ଆପୋଷରେ ଭାଇ ଭାଇ । ପୁଣି କହିଛନ୍ତି ଯେ "ଯଦିଓ ତୁମମାନଙ୍କର ବାପା ଭିନ୍ନ ଭିନ୍ନ କିନ୍ତୁ ପରିଶେଷରେ ତୁମ ସମସ୍ତଙ୍କର ଆଧ୍ୟାତ୍ମିକ ବାପା ହେଉଛନ୍ତି ଜଣେ । ସମସ୍ତେ ଗୋଟିଏ ବୃକ୍ଷର ଶାଖା ଅଟନ୍ତି ।'' ***(ମଲଫୁଜାତ, ଖ-୦୩,ପୃ-୩୪୯,ଏଡିଶନ୍ ୧୯୮୪)***

ଅତେବ ଆମେ ସମସ୍ତେ ଜାତି ବର୍ଣ୍ଣ ନିର୍ବିଶେଷରେ ଜମାତ ଅହେମଦୀୟାରେ ସାମିଲ ହୋଇ ଏକ ଆଧ୍ୟାତ୍ମିକ ବାପାଙ୍କ ସନ୍ତାନ ହୋଇଯାଇଛେ । ଗୋରା ହୋଇଥାନ୍ତୁ ବା କଳା ଆଫ୍ରିକୀୟ, ଆମେରିକାନ ହୁଅନ୍ତୁ ବା ପାକିସ୍ତାନୀ ବା ହିନ୍ଦୁସ୍ତାନୀ ବା ସ୍ୱେନୀୟ ହୁଅନ୍ତୁ ସମସ୍ତେ ଜମାତ ଅହେମଦୀୟାରେ ସାମିଲ ହୋଇ ଜଣେ ଆଧ୍ୟାତ୍ମିକ ବାପାଙ୍କ ସନ୍ତାନ ହୋଇଯାଇଛନ୍ତି । କାହାକୁ ବି ନିଜର ଜାତି , କୌମ ଏବଂ ବର୍ଣ୍ଣ ଯୋଗୁଁ କୌଣସି ଲୋକ ଉପରେ କୌଣସି ପ୍ରକାରର ଅଗ୍ରାଧିକାର ନାହିଁ କାରଣ ଆମର ଆଧ୍ୟାତ୍ମିକ ବାପା ହେଉଛନ୍ତି ଜଣେ । ହଜରତ୍ ମୁହମ୍ମଦ ମୁସ୍ତଫା ସ ଆ ସ ଏହି ଘୋଷଣା ନିଜର ଶେଷ ଖୁତବାରେ କରିଥିଲେ । ସୁତରାଂ ଯେବେ ଆମେ ସମସ୍ତେ ଏହି କଥାକୁ ବୁଝି ଏବଂ ଏକ ହୋଇ କାମ କରିବା,ଜଣେ ଅନ୍ୟ ଜଣଙ୍କର ଭାବନା ପ୍ରତି ଧ୍ୟାନ ଦେବା ତା'ହେଲେ ଅଲ୍ଲାଃତାଲା ଇନଶାଅଲ୍ଲାଃ ଆମକୁ ଉନ୍ନତି ପ୍ରଦାନ କରି ଚାଲିବେ । ହଜରତ୍ ମସିହ ମଉଦ ଆ ସ କୁହନ୍ତି:"ଆମ ଜମାତକୁ ଅଲ୍ଲାଃତାଲା ଏକ ଉଦାହରଣ କରିବାକୁ ଚାହାଁନ୍ତି ।'' ***(ମଲଫୁଜାତ, ଖ-୦୩,ପୃ-୩୪୯, ଏଡିଶନ୍ ୧୯୮୪)***

ତେଣୁ କ'ଣ କେବଳ ଉପରଠାଉରିଆ କଥା ଦ୍ୱାରା ଏବଂ ବିନା କୌଣସି ଗଭୀର କର୍ମ ଦ୍ୱାରା ମଣିଷ ଉଦାହରଣ ହୋଇପାରିବ କି ? ଉଦାହରଣ ହେବା ପାଇଁ ବହୁତ ବଡ ଜିହାଦ କରିବାକୁ ହେବ । ବହୁତ ପରିଶ୍ରମ କରିବାକୁ ପଡିଥାଏ । ତେଣୁ ଆମକୁ ବି କରିବାକୁ ହେବା ନିଜ ଉପାସନାର ସ୍ତରକୁ ଉଚ୍ଚା କରି,ନିଜର ନୈତିକ ସ୍ତରକୁ ସଂଶୋଧନ କରି,ପରସ୍ପର ପ୍ରତି ପ୍ରେମଭାବ ଏବଂ ଭାଇଚାରାର ସୁସମ୍ପର୍କ ସ୍ଥାପନ କରି ଆମକୁ ଦେଖାଇବାକୁ ହେବ ଯେ ଆମେ ଏହାର ନମୁନା ଅର୍ଥାତ ଉଦାହରଣ ସୃଷ୍ଟି କରୁଅଛେ କି ନାହିଁ ।

ହଜରତ ମସିହ ମଉଦ ଆ ସ ଆମକୁ ଆମ ସ୍ତର ଆମ ମାନଦଣ୍ଡକୁ ହାସଲ କରିବା ପାଇଁ ଆହୁରି ଅଧିକା ଧ୍ୟାନମ ଆକର୍ଷଣ କରାଇ କହିଛନ୍ତି ଯେ : "ଅଲ୍ଲାଃତାଲା ମୁତତକୀ (ଅର୍ଥାତ ଧର୍ମପରାୟଣ ଲୋକ) ମାନଙ୍କୁ ଭଲ ପାଇଥାଏ । ତେଣୁ ଅଲ୍ଲାଃତାଲାଙ୍କ ମହିମାକୁ ମନେରଖ ଏବଂ ଧୈର୍ଯ୍ୟବାନ ହୁଅ ।''ଅର୍ଥାତ ଅଲ୍ଲାଃତାଲାଙ୍କ ଭୟକୁ ହୃଦୟ ମଧ୍ୟରେ ସୃଷ୍ଟି କର । "ଏବଂ ମନେରଖ ଯେ ସମସ୍ତେ ହେଉଛନ୍ତି ଅଲ୍ଲାଃଙ୍କର ସୃଷ୍ଟି । ତେଣୁ କାହା ଉପରେ ଜୁଲମ କରନାହିଁ । କାହା ଉପରେ କଠୋର ହୁଅ ନାହିଁ କି କାହାକୁ ତୁଚ୍ଛ ଦୃଷ୍ଟିରେ ଦେଖ ନାହିଁ । ଜମାତରେ ଯଦି ଜଣେ ଲୋକ ବି ମନ୍ଦ ପ୍ରକୃତିର ଥାଏ ତେବେ ସେ ସମସ୍ତଙ୍କୁ ଖରାପ କରିଦିଏ ।'' ***(ମଲଫୁଜାତ, ଖ-୦୧,ପୃ-୯,ଏଡିଶନ୍ ୧୯୮୪)***

ହଜରତ ମସିହ ମଉଦ ଆ ସ କହିଲେ ଯେ ଉଚ୍ଚ ମୂଲ୍ୟବୋଧ ଏବଂ ଉଚ୍ଚ ନୈତିକତା ସେତେବେଳେ ସୃଷ୍ଟି ହୋଇଥାଏ ଯେବେ ହୃଦୟରେ ମଧ୍ୟରେ ତକୱା (ଅର୍ଥାତ ଧର୍ମପରାୟଣତା) ସୃଷ୍ଟି ହୋଇଥାଏ । ଅତେବ ଏ ସମ୍ବନ୍ଧରେ ହଜରତ ମସିହ ମଉଦ ଆ ସ ଜାମତକୁ ଉପଦେଶ ଦେଇ କହିଛନ୍ତି ଯେ :"ଆମ ଜମାତ ପାଇଁ ତକୱାର ଆବଶ୍ୟକତା ବିଶେଷ ଭାବରେ ରହିଛି । ବିଶେଷ ରୂପେ ଏହି ପରିପ୍ରେକ୍ଷିରେ ଯେ ସେମାନେ ଏପରି ଜଣେ ବ୍ୟକ୍ତିଙ୍କ ସହିତ ସମ୍ବନ୍ଧ ରଖିଛନ୍ତି ଯିଏ ନବୀ ହେବାର ଦାବି କରିଛନ୍ତି । ଏତତଦ୍ୱାରା ଏପରି ଲୋକେ ଯେଉଁମାନେ କୌଣସି ପ୍ରକାରର ବିଦ୍ୱେଷଭାବ,ଦୁଷ୍କର୍ମ ଏବଂ ଶିର୍କରେ ଲିପ୍ତ ଥିଲେ ବା ଏ ସଂସାରରେ କେତେ ବି ବୁଡି ରହିଥିଲେ, ସେମାନେ ସମସ୍ତେ ଏହି ବିପତିରୁ ମୁକ୍ତି ଲାଭ କରନ୍ତୁ । ***(ମଲଫୁଜାତ, ଖ-୦୧,ପୃ-୧୦,ଏଡିଶନ୍ ୧୯୮୪)***

ପୁଣି ହଜରତ ମସିହ ମଉଦ ଆ ସ କୁହନ୍ତି:"ଆମ ଜମାତ ଏହି ଚିନ୍ତା (ଓ ଏହି ଦୁଃଖ) କୁ ସାରା ଦୁନିଆର ଦୁଃଖ ଅପେକ୍ଷା ନିଜ ଜୀବନ ପାଇଁ ଅଧିକା ମଣନ୍ତୁ'' ଦୁନିଆର ବଡ ଦୁଃଖ ମଣିଷକୁ ହୋଇଥାଏ କିନ୍ତୁ ହଜରତ ମସିହ ମଉଦ ଆ ସ କୁହନ୍ତି: ନୁହେଁ ଏ ଦୁଃଖ ତୁମମାନଙ୍କ ହୃଦୟରେ ରହିବା ଉଚିତ ଯେ ଦୁଃଖ କ'ଣ ? ସେହି ଦୁଃଖ ହେଉଛି ଏହା କି "ତା ଭିତରେ ତକୱା (ଧର୍ମପରାୟଣତା) ଅଛି କି ନାହିଁ ।'' ***(ମଲଫୁଜାତ, ଖ-୦୧,ପୃ-୩୫,ଏଡିଶନ୍ ୧୯୮୪)***

ତେଣୁ ଯଦି ଆମେ ନିଜ ବୟତର ହକକୁ ଦେବାକୁ ଚାହୁଁଛନ୍ତି,ଯଦି ଆମେ ଅଲ୍ଲାଃତାଲାଙ୍କ ଅନୁଗ୍ରହ ଯୋଗୁଁ ତାହାଙ୍କ କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛନ୍ତି ତା'ହେଲେ ଆମକୁ ସବୁବେଳେ ନିଜ ପରିସ୍ଥିତିର ମୂଲ୍ୟାଙ୍କନ କରିବାକୁ ପଡ଼ିବ । ଅଲ୍ଲାଃତାଲା ଆମକୁ ଶକ୍ତି ଏବଂ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ ଆମେ ହଜରତ ମସିହ ମଉଦ ଆ ସ ଙ୍କ ଇଚ୍ଛା ମୁତାବକ ଆମ ଜୀବନକୁ ପରିଚାଳିତ କରିପାରିବାକୁ ସମର୍ଥ ହେବା । ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଇପାରିବା । ଅଲ୍ଲାଃତାଲାଙ୍କ ଭୟ ମନ ଭିତରେ ସୃଷ୍ଟି ହେଉ ଏବଂ ଆମେ ବାସ୍ତବ ପକ୍ଷେ ଅଶହଦୁ ଅନ ଲା ଇଲାହା ଇଲ୍ଲଲ୍ଲାଃର ହକକୁ ନିର୍ବାହ କରୁଥିବା ଏବଂ ଆମେ ଆଖିରୀନର ଏହି ଜମାତରେ (ଅର୍ଥାତ ଇସଲାମର ଶେଷ ଯୁଗରେ ସୃଷ୍ଟି ହେବାକୁ ଥିବା ପ୍ରକୃତ ଜମାତରେ) ସାମିଲ ହୋଇପାରିବା ଯାହାର ସୁସମାଚାର ଅଲ୍ଲାଃତାଲା ଆଁହଜରତ ସ ଆ ସ ଙ୍କୁ ପ୍ରଦାନ କରିଥିଲେ । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ଏବଂ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଏବେ ଆସିବା ସମୟରେ ମୋତେ ଅମୀର ସାହେବ ଏକଥା ବି ବତାଇଛନ୍ତି ଯେ ଆଜିଠାରୁ ଅଠେଇଶ ବର୍ଷ ପୂର୍ବେ ଆଜିର ତାରିଖରେ ହିଁ ୧୪ ଅକ୍ଟୋବର ଦିନ ଏହି ମସଜିଦ ବି ଉଦଘାଟନ ହୋଇଥିଲା ଏବଂ ଏହାକୁ ଖୋଲା ଯାଇଥିଲା । ଏହି ମସଜିଦକୁ ବର୍ତମାନ ୨୮ ବର୍ଷ ପୂରଣ ହୋଇସାରିଛି ।

ଏହି ଇଲାକାରେ ରହୁଥିବା ପୁରୁଣା ଅହେମଦୀ ମଧ୍ୟ, ନୂଆ ଅହେମଦୀ ମଧ୍ୟ ସମସ୍ତେ ନିଜ ନିଜର ସମୀକ୍ଷା କରନ୍ତୁ ଯେ ଏହି ୨୮ ବର୍ଷ ମଧ୍ୟରେ ସେମାନେ ନିଜ ଆଧ୍ୟାତ୍ମିକତାରେ କେତେ ମାତ୍ରାରେ ଉନ୍ନତି କରିଛନ୍ତି ଓ କେତେ ମାତ୍ରାରେ ମସଜିଦର ହକକୁ ପ୍ରଦାନ କରିବା ପାଇଁ ଚେଷ୍ଟା କରିଛନ୍ତି।

ଅଲ୍ଲାଃତାଲା ଆସନ୍ତାକୁ ବି ଅନେକ ଦଶନ୍ଧି ଧରି ଏବଂ ଅନେକ ଶତାବ୍ଦୀ ଧରି ଏହି ମସଜିଦକୁ ଆସିବାକୁ ଲୋକମାନଙ୍କୁ ଉପଲବ୍ଧ କରାଇ ଚାଲନ୍ତୁ । ଏହା ସବୁ ପ୍ରକାରର ସାଂସାରିକ ବିପଦରୁ ବି ବଂଚି ରହୁ । କିନ୍ତୁ ଅସଲ ହକ ସେତେବେଳେ ନିର୍ବାହ ହେବ, ଯେତେବେଳେ ମସଜିଦ ପ୍ରତି ଥିବା ଆମର କର୍ତବ୍ୟକୁ ନିର୍ବାହ କରି ଆମେ ଏହି ମସଜିଦକୁ ଆବାଦ କରିବା ପାଇଂ ଚେଷ୍ଟା କରିବା । ଅଲ୍ଲାଃତାଲା ଆମକୁ ଏହା କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

# ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ପ୍ରତି ଥିବା ହଜରତ ମସିହ ମଉଦ ଆଲୈସଲାତୁ ସଲାମଙ୍କ ପ୍ରେମଭାବ

(ବଶୀରୁଦ୍ଦୀନ କାଦରୀ, ମୁରବୀ ସିଲସିଲା, ସାପ୍ତାହିକ ବଦର କାର୍ଯ୍ୟାଳୟ କାଦିଆନ)

ଓଡ଼ିଆ ବଦର ଖଣ୍ଡ-୦୮ ସଂଖ୍ୟା ନଂ-୧୦-୧୧ ର ପୃଷ୍ଠା ୦୨ରେ ପ୍ରାକଶିତ ବିଷୟ ବସ୍ତୁ **"ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ପ୍ରତି ଥିବା ହଜରତ ମସିହ ମଉଦ ଆ ସଙ୍କ ପ୍ରେମଭାବ''** ର ଅବଶିଷ୍ଟାଂଶ ........

**ଜାନୋ ଦିଲମ ଫିଦାଏ ଜମାଲେ**
**ମୁହମ୍ମଦ ସ ଅ ସ ଅସ୍ତ**
**ଖାକମ୍ ନିସାରେ କୁଚାଏ ଆଲେ ମୁହମ୍ମଦ**
**ସ ଅ ସ ଅସ୍ତ**
**(ଅଖବାର ରିୟାଜ ହିନ୍ଦ୍ ଅମୃତସର ମାର୍ଚ୍ଚ ପହିଲା ୧୮୮୪)**

ଅର୍ଥାତ ମୋ ଜୀବନ ଏବଂ ମନ ମୁହମ୍ମଦ ସ ଅ ସଙ୍କ ଉପରେ ଉତ୍ସର୍ଗ ଏବଂ ମୋ ଧୂଳିକଣାକୁ (ଅର୍ଥାତ ମୋର ଏ ଶରୀରକୁ) ନବି କରିମ ସ ଅ ସଙ୍କ ପରିବାର ବର୍ଗ ରହୁଥିବା ଗଳିକନ୍ଦିରେ କୁର୍ବାନ(ଉତ୍ସର୍ଗ)କରିଦିଆଯାଉ । ଯେବେ ଆମେ ସୟଦନା ହଜରତ୍ ମସିହ ମଉଦ ଆ ସ ଙ୍କ ପବିତ୍ର ଜୀବନ ଉପରେ ଦୃଷ୍ଟି ନିକ୍ଷେପ କରୁଛେ,ଆମ ସାମ୍ନାକୁ ଏହା ଆସିଥାଏ ଯେ ସୟଦନା ହଜରତ୍ ମସିହ ମଉଦ ଆ ସ ନିଜର ସାରା ଜୀବନ ରସୁଲେ କରିମ ସ ଆ ସଙ୍କ ଆଜ୍ଞାବହତା ସ୍ୱୀକାର କରି ବିତାଇଛନ୍ତି ।

ହଜରତ୍ ମିର୍ଜା ସୁଲତାନ ଅହେମଦ ସାହେବ ର ଅ ଯିଏ ସୟଦନା ହଜରତ୍ ମସିହ ମଉଦ ଆ ସଙ୍କ ପ୍ରଥମ ପତ୍ନୀଙ୍କ ଔରସରୁ ଜ୍ୟେଷ୍ଠ ପୁତ୍ର ଥିଲେ । ସେ ସୟଦନା ହଜରତ୍ ମସିହ ମଉଦ ଆ ସ ଙ୍କ ଜୀବଦଶାରେ ଜମାତ ଅହେମଦୀୟାରେ ଦାଖିଲ ହୋଇ ନଥିଲେ ବରଂ ସେ ହଜରତ୍ ଖଲିଫତୁଲ୍ ମସିହ ସାନି (ଦ୍ୱିତୀୟ) ର ଅଙ୍କ ସମୟରେ ବୟତ କରିଥିଲେ । ତାଙ୍କ ଅହେମଦୀୟତ ଗ୍ରହଣ କରିବା ପୂର୍ବବର୍ତୀ ସମୟର କଥା । ତାଙ୍କୁ ଥରେ ହଜରତ୍ ମିର୍ଜା ବଶୀର ଅହେମଦ୍ ସାହେବ ର ଅ ସୟଦନା ହଜରତ୍ ମସିହ ମଉଦ ଆ ସଙ୍କ ଜୀବନ ଚରିତ ବିଷୟରେ, ତାଙ୍କ ସୁଗୁଣ ତଥା ତାଙ୍କ ଅଭ୍ୟାସ ବିଷୟରେ ପଚାରିଲେ । ସେ କହିଲେ ଯେ : "ମୁଁ ମୋ ବାପା ସାହେବଙ୍କ ମଧ୍ୟରେ (ଅର୍ଥାତ ସୟଦନା ହଜରତ୍ ମସିହ ମଉଦ ଆ ସଙ୍କ ନିକଟରେ) ଏକ ବିଶେଷ ଜିନିଷ ଦେଖିଛି । ତାହା ହେଉଛି ଏହା ଯେ ମୋ ବାପା ଆଁହଜରତ୍ ସ ଅ ସଙ୍କ ବିରୁଦ୍ଧରେ ଗୋଟିଏ ବି ଶବ୍ଦ ଶୁଣିବାକୁ ବରଦାସ୍ତ କରିପାରୁ ନଥିଲେ। ଯଦି କୌଣସି ବ୍ୟକ୍ତି ଆଁହଜରତ୍ ସ ଆ ସ ଙ୍କ ବୈଭବ ଓ ସମ୍ମାନ ବିରୁଦ୍ଧରେ ସାମାନ୍ୟତମ କଥା ମଧ୍ୟ କହୁଥିଲା ସେତେବେଳେ ବାପା ସାହେବଙ୍କ ଚେହେରା ଲାଲ ହୋଇଯାଉଥିଲା ଏବଂ କ୍ରୋଧରେ ତାଙ୍କ ଆଖିର ରଙ୍ଗ ବଦଳି ଯାଉଥିଲା । ସେ ସଙ୍ଗେ ସଙ୍ଗେ ଏପରି ସଭାରୁ ଉଠି ଚାଲି ଯାଉଥିଲେ । ପିତାଶ୍ରୀ ଆଁହଜରତ୍ ସ ଆ ସ ଙ୍କୁ ବହୁତ ଭଲ ପାଉଥିଲେ । ଏପରି ଭଲ ପାଇବା ମୁଁ ଅନ୍ୟ କୌଣସି ବ୍ୟକ୍ତିଙ୍କ ନକଟରେ ଦେଖିନାହିଁ । ମିର୍ଜା ସୁଲତାନ ଅହେମଦ ସାହେବ ଏହି କଥାକୁ ବାରମ୍ବାର ପୁନରାବୃତି କରୁଥିଲେ । ***(ପୁସ୍ତକ ସିରତ ତୟବାଃ ,ଲେଖକ ମିର୍ଜା ବଶୀର ଅହେମଦ ସାହେବ ର ଅ, ପୃ-୨୮-୨୯)***

ଜମାତ ଅହେମଦୀୟାର ପ୍ରତିଷ୍ଠାତା ହଜରତ୍ ମସିହ ମଉଦ ଆ ସଙ୍କ ପୁତ୍ର କମରୁଲ୍ ଅମ୍ବିୟା ହଜରତ୍ ସାହେବଜାଦାଃ ମିର୍ଜା ବଶୀର ଅହେମଦ ସାହେବ ର ଅ ଉଲ୍ଲେଖ କରିଛନ୍ତି ଯେ : ଥରକର କଥା ବିଲକୁଲ ଘରୋଇ ପରିବେଶ ଥିଲା, ହଜରତ୍ ମସିହ ମଉଦ ଆ ସଙ୍କ ସ୍ୱାସ୍ଥ୍ୟ ଖରାପ ଥିଲା ଏବଂ ଆପଣ ଆ ସ ଘରେ ଖଟିଆ ଉପରେ ଶୋଇଥିଲେ । ହଜରତ୍ ଅମ୍ମାଜାନ୍ ର ଅ ଏବଂ ହଜରତ ନାନାଜାନ୍ (ଆମ ଅଜା) ଅର୍ଥାତ ହଜରତ୍ ମୀର ନାସିର ନୱାବ ସାହେବ ର ଅ ମରହୁମ୍ ମଧ୍ୟ ନିକଟରେ ବସିଥିଲେ ଯେ ହଜ ବିଷୟରେ ଚର୍ଚ୍ଚା ଆରମ୍ଭ ହେଲା । ହଜରତ ନାନାଜାନ୍ ,ସେତେବେଳେ ଏପରି କିଛି କଥା କହିଲେ ଯେ, ଏବେ ତ ହଜ କରିବା ନିମନ୍ତେ ଯାତ୍ରା କରିବା ତଥା ରାସ୍ତା ଇତ୍ୟାଦିର ସୁବିଧା ହୋଇଗଲାଣି । ତେଣୁ ହଜ କରିବା ନିମନ୍ତେ ଯିବା ଉଚିତ । ସୁତରାଂ ସେତେବେଳେ ହରମୈନ୍ ଶରିଫୈନ (ଅର୍ଥାତ ମକ୍କା ଓ ମଦିନା)ର ପରିଦର୍ଶନ କରିବା କଥା ଭାବି ହଜରତ ମସିହ ମଉଦ ଆ ସଙ୍କ ଆଖିରେ ଲୁହ ଭରିଗଲା ଏବଂ ଆପଣ ଅ ସ ନିଜ ଆଙ୍ଗୁଳି ସାହାଯ୍ୟରେ ଆଖିରୁ ଲୁହ ପୋଛି ଚାଲିଥିଲେ ଏବଂ ହଜରତ ନାନାଜାନ (ଅର୍ଥାତ ହଜରତ୍ ମୀର ନାସିର ନୱାବ ସାହେବ ର ଅ)ଙ୍କ କଥାକୁ ଶୁଣି କହିଲେ:

"ଏକଥା ତ ଠିକ କଥା ଏବଂ ଆମର ମଧ୍ୟ ଆନ୍ତରିକ ଇଚ୍ଛା ଏହା କିନ୍ତୁ ମୁଁ ସର୍ବଦା ଏହା ଭାବୁଛି ଯେ କ'ଣ ମୁଁ ଆଁ ହଜରତ୍ ସ ଆ ସଙ୍କ ମଜାର (କବର) କୁ ଦେଖିପାରିବି କି ?

ଏହା ଏକ ଘରୋଇ ପରିବେଶର ଏକ ଛୋଟିଆ କଥା ଲାଗୁଛି କିନ୍ତୁ ଯଦି ଏ ବିଷୟରେ ଚିନ୍ତା ବିଚାର କରାଯାଏ,ଏଥିରେ ଅତଳ ସମୁଦ୍ରର ଜୁଆର ଦେଖିବାକୁ ମିଳିଥାଏ ଯାହା ରସୁଲୁଲ୍ଲାଃ ସ ଆ ସଙ୍କ ପ୍ରେମରେ ହଜରତ୍ ମସିହ ମଉଦ ଆ ସଙ୍କ ଶୁଦ୍ଧ ହୃଦୟରେ ଲହଡି ମାରୁଥିଲା । ହଜ କରବା ପାଇଁ କେଉଁ ସଚ୍ଚା ମୁସଲମାନର ଇଚ୍ଛା ନଥିବ କହିଲେ କିନ୍ତୁ ସେହି ବ୍ୟକ୍ତିଙ୍କ ଅସୀମ ପ୍ରେମର କଳ୍ପନା ଟିକେ କରି ଦେଖନ୍ତୁ ଯାହାଙ୍କ ଆତ୍ମା ହଜ କରିବା ଉଦ୍ଦେଶ୍ୟରେ ଉଡି ବୁଲୁଥିଲା ଏବଂ ରସୁଲେ ପାକ ସ ଆ ସ(ତାହାଙ୍କ ଉପରେ ଆମର ସର୍ବସ୍ୱ ଉତ୍ସର୍ଗ ହେଉ)ଙ୍କ ମଜାର ଠାରେ ସେ ପହଂଚି ଯାଉଛନ୍ତି । ପୁଣି ତାଙ୍କ ଆଖି ସେହି ଦୃଶ୍ୟକୁ ଦେଖି ନପାରି ବନ୍ଦ ହେବା ଆରମ୍ଭ üj ÜAMf ü' ***(ସିରତ ତୟବାଃ,ଲେଖକ ହଜରତ୍ ମିର୍ଜା ବଶୀର ଅହେମଦ୍ ସାହେବ ର ଅ, ପୃ-୩୦-୩୧)***

ପୁଣି ହଜରତ୍ ମିର୍ଜା ସୁଲତାନ ଅହେମଦ ସହେବ ର ଅ ବର୍ଣ୍ଣନା କରିଛନ୍ତି ଯେ:"ଗୋଟିଏ କଥା ଯାହା ମୁଁ ବିଶେଷ ଭାବରେ ଦେଖିଛି ଯେ ହଜରତ ସାହେବ (ଅର୍ଥାତ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ)ଙ୍କ ବିଷୟରେ (ଅର୍ଥାତ ଆଁ ହଜରତ ସ ଆ ସଙ୍କ ବିରୁଦ୍ଧରେ) ମୋ ବାପା ସାମାନ୍ୟତମ କଥାକୁ ବି ବରଦାସ୍ତ କରିପାରୁ ନଥିଲେ । ଯଦି କୌଣସି ବ୍ୟକ୍ତି ଆଁ ହଜରତ ସ ଆ ସଙ୍କ ବୈଭବ ବିରୁଦ୍ଧରେ ଏକ ସାମାନ୍ୟତମ କଥା ବି କହୁଥିଲା,ତା'ହେଲେ ମୋ ବାପାଙ୍କ ଚେହେରାର ରଙ୍ଗ ଲାଲ ହୋଇଯାଉଥିଲା, ତାଙ୍କ ଆଖିର ହାବଭାବ ବଦଳି ଯାଉଥିଲା ଏବଂ ସେ ତୁରନ୍ତ ଏପରି ସଭାରୁ ଉଠି ଚାଲିଯାଉଥିଲେ । ମୌଲବୀ ସାହେବ ବର୍ଣ୍ଣନା କଲେ ଯେ ମିର୍ଜା ସାହେବ(ଅର୍ଥାତ ମିର୍ଜା ସୁଲତାନ ଅହେମଦ ସହେବ ର ଅ)ଏହି କଥାକୁ ବାରମ୍ବାର କହିଚାଲୁଥିଲେ ଯେ ହଜରତ ସାହେବ (ଅର୍ଥାତ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ)ଙ୍କ ସହିତ ମୋ ବାପାଙ୍କର ଯେଉଁ ଭଲପାଇବା ଥିଲା,ଏପରି ପ୍ରେମ ମୁଁ କେବେ ବି କୌଣସି ବ୍ୟକ୍ତିଙ୍କ ନିକଟରେ ଦେଖିନାହିଁ । ମୁଁ ଏହା ବି କହିବାକୁ ଚାହିଁବି ଯେ ହଜରତ୍ ଖଲିଫତୁଲ୍ ମସିହ ସାନି (ଦ୍ୱିତୀୟ) ର ଅ ବର୍ଣ୍ଣନା କରୁଥିଲେ ଯେ ଯେବେ ଡିସେମ୍ବର ମାସ ୧୯୦୭ ମସିହାରେ ଆର୍ଯ୍ୟସମାଜୀର ଲୋକମାନେ ଲାହୋରର ୱଛୁୱାଲି ଠାରେ ଜଲସା କଲେ,ସେହି ଜଲସାରେ ସେମାନେ ଅନ୍ୟମାନଙ୍କୁ ମଧ୍ୟ ଆମନ୍ତ୍ରିତ କରିଥିଲେ । ସୁତରାଂ ହଜରତ୍ ସାହେବ (ଅର୍ଥାତ ହଜରତ ମସିହ ମଉଦ ଆ ସ) ମଧ୍ୟ ସେମାନଙ୍କ ଅନୁରୋଧ ରକ୍ଷା କରି ଗୋଟିଏ ନିବନ୍ଧ ଲେଖି ହଜରତ ମୌଲବୀ ସାହେବ ଖଲିଫା ଅୱଲ (ଅର୍ଥାତ ପ୍ରଥମ ଖଲିଫା) ଙ୍କ ନେତୃତ୍ୱରେ ନିଜ ଜମାତର କିଛି ସଦସ୍ୟଙ୍କୁ ଲାହୋର ପଠାଇଲେ । କିନ୍ତୁ ଆର୍ଯ୍ୟସମାଜୀର ଲୋକମାନେ ନିଜ ପ୍ରତିଶୃତି ବିପରୀତ ସେମାନଙ୍କ ନିବନ୍ଧରେ ଆଁ ହଜରତ୍ ସ ଆ ସଙ୍କ ବିରୁଦ୍ଧରେ ଅପଶବ୍ଦ ବ୍ୟବହାର କଲେ । ଯେତେବେଳେ ଏହାର ରିପୋର୍ଟ ହଜରତ୍ ସାହେବଙ୍କୁ ମିଳିଲା,ହଜରତ୍ ସାହେବ ନିଜ ଜମାତର ସଦସ୍ୟମାନଙ୍କ ଉପରେ ଭିଷଣ ଭାବରେ ନାରାଜ ହେଲେ ଯେ ଆମ ଜମାତର ସଦସ୍ୟମାନେ ସେହି ସଭାରୁ କାହିଁକି ଉଠି ଚାଲି ଆସିଲେ ନାହିଁ ? ପୁଣି କହିଲେ ଯେ ଯେଉଁ ସଭାରେ ଆଁ ହଜରତ୍ ସ ଅ ସଙ୍କ ପ୍ରତି ଅସମ୍ମାନ ପଦର୍ଶନ କରାଯାଉ ଥିବ ସେହି ସଭାରେ ଜଣେ ମୁସଲମାନ ବସି ରହିବା ହେଉଛି ଅତି ନିଚ୍ଚ ସ୍ତରର କଥା । ପୁଣି କ୍ରୋଧରେ ତାଙ୍କର ଚେହେରା ଲାଲ ହୋଇଗଲା । ଆପଣ ଅ ସ ଭିଷଣ ନାରାଜ ହେଲେ ଯେ କାହିଁକି ଆମ ଲୋକମାନେ ନିଜର ଆତ୍ମ ସ୍ୱାଭିମାନ ଦେଖାଇଲେ ନାହିଁ । ଯେବେ ସେମାନେ ଏପରି ଅପଶବ୍ଦ ବ୍ୟବହାର କଲେ, ସେତେବେଳେ ସେହି ସଭାରୁ ତୁରନ୍ତ ଉଠି ଚାଲି ଆସିବା ଉଚିତ ହୋଇଥାନ୍ତା '' ***(ସିରତୁଲ୍ ମେହେଦୀ ପ୍ରଥମ ଭାଗ, ଖ-୦୧, ପୃ-୨୦୧,ରିୱାୟତ ନଂ-୧୯୬)***

ହଜରତ୍ ମସିହ ମଉଦ ଅ ସ ନିଜର ସ୍ଥାନ ଏବଂ ନିଜର ପଦମର୍ଯ୍ୟାଦା ବିଷୟରେ କୁହନ୍ତି: "ଯଦି ମୁଁ ମୋ ଗୁରୁ, ସଖା, ନବୀମାନଙ୍କର ଗର୍ବ ଏବଂ ପ୍ରାଣୀଜଗତର ସର୍ବୋତମ ଉପକାରକର୍ତା ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ଙ୍କ ମାର୍ଗକୁ ଅନୁସରଣ କରିନଥାନ୍ତି, ତା'ହେଲେ ଏହି ପୁରସ୍କାର ପାଇବା ମୋ ପକ୍ଷେ କେବେ ବି ସମ୍ଭବ ହୋଇ ନଥାନ୍ତା ।'' ***(ହକିକତୁଲ ୱହି, ରୁହାନୀ ଖଜାଇନ୍, ଖ-୨୨, ପୃ-୬୪)***

ପୁଣି ହଜରତ୍ ମସିହ ମଉଦ ଅ ସ ଗୋଟିଏ ସ୍ଥାନରେ କୁହନ୍ତି:

"ବାସ୍ତବ ପକ୍ଷେ, ଏହି ସମସ୍ତ ଅନୁଗ୍ରହର କାରଣ ହେଉନ୍ତି ଆଁହଜରତ ସ ଅ ସ .... ଏବଂ ଏ କଥାକୁ ସବୁ ବେଳେ ମନେ ରଖିବା ଉଚିତ ଯେ ଜଣେ ମୋମିନ (ଅର୍ଥାତ ଈଶ୍ୱର ବିଶ୍ୱାସୀ)ର ଐଶିବାଣୀରେ ଯେଉଁ ସମସ୍ତ ପ୍ରଶଂସା କରାଯାଇଥାଏ ତାହା ବାସ୍ତବ ପକ୍ଷେ ଆଁ ହଜରତ ସ ଆ ସ ଙ୍କ ପ୍ରଶଂସା ହୋଇଥାଏ ଏବଂ ସେହି ମୋମିନ ନିଜର ଅନୁସରଣର ସ୍ଥିତି ଅନୁସାରେ ସେହି ପ୍ରଶଂସାରୁ ଭାଗ ପାଇଥାଏ ।'' ***(ବରାହୀନେ ଅହେମଦୀୟା, ରୁହାନୀ ଖଜାଇନ୍, ଖ-୦୧,ପୃ-୫୮୦-୫୮୧ ହାଶିୟାଃ ଦର ହାଶିୟାଃ ନଂ-୦୩)***

କିନ୍ତୁ ପ୍ରକୃତ ଅନୁସରଣରେ ପ୍ରେମର ଅର୍ଥ ବି ସାମିଲ ହୋଇଥାଏ । ଯଦି କୌଣସି ଶ୍ରମିକକୁ ନିଜ କାମ ସହିତ ଭଲ ପାଇବା ନଥିବ,ତା ନିକଟରେ ଆବେଗ ଉଦ୍ଦିପନା ନଥିବ ତା'ହେଲେ ତାର କାମ ସେତେ ଭଲ ହେବ ନାହିଁ । ହଁ ଯଦି କୌଣସି ବ୍ୟକ୍ତି ନିଜ କାମକୁ ଭଲ ପାଉଥିବ, ତା'ହେଲେ ଜଣା ପଡିଯାଇଥାଏ ଯେ ସେ ସେହି କାମକୁ ବହୁତ ଭଲ କରିଥାଏ । ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତିଙ୍କୁ ନିଜ କାମ ସହିତ ପ୍ରେମ ଥିବ ବା କୌଣସି ବିଭାଗ ସହିତ ଭଲ ପାଇବା ଥିବ,ତେବେ ଦେଖାଯାଏ ଯେ ତାକୁ ହିଁ ସେହି କାମ କରିବା ପାଇଁ ନିଯୋଜିତ କରାଯାଇଥାଏ। ଯେବେ ହଜରତ୍ ମସିହ ମଉଦ ଆ ସଙ୍କର ଆଁହଜରତ ସ ଅ ସଙ୍କ ସହିତ ପ୍ରେମ ଚରମ ସ୍ତରରେ ପହଂଚିଲା, ସେତେବେଳେ ଅଲ୍ଲାଃତାଲା ହଜରତ୍ ମସିହ ମଉଦ ଆ ସଙ୍କୁ

ହିଁ ଆଁହଜରତ ସ ଅ ସଙ୍କ ଧର୍ମକୁ ତଜଦୀଦ କରିବା ପାଇଁ ଚୟନ କଲେ । (ଅର୍ଥାତ ଧର୍ମର ସାହାଯ୍ୟ ସମର୍ଥନ କରିବା ପାଇଁ ମନୋନୀତ କଲେ) ।

ଅଲ୍ଲାଃତାଲା ପବିତ୍ର କୁରଆନରେ ଏହା କହିଛନ୍ତି ଯେ, ରସୁଲପ୍ରେମ ଯୋଗୁଁ (ଅର୍ଥାତ ଆଁହଜରତ ସ ଅ ସଙ୍କୁ ପ୍ରେମ କରିବା ଦ୍ୱାରା)ମୁଁ ତୁମକୁ ପ୍ରେମ କରିବି । ଏବେ ବିଚାର ଯୋଗ୍ୟ କଥା ହେଉଛି ଏହା ଯେ ଈଶ୍ୱରୀୟ ପ୍ରେମର ଲକ୍ଷଣଗୁଡିକ କଣ ? ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସହିତ ପ୍ରେମ କରୁଥିବ, ତାକୁ ନିଶ୍ଚିତ ଭାବରେ ଆଁହଜରତ ସ ଆ ସଙ୍କ ଯୁଗରେ ରହିବାକୁ ଇଚ୍ଛା ହେଉଥିବ ଯେ କାଳେ ମୁଁ ସେହି ଯୁଗରେ ଥା'ନ୍ତି କି । ଯେବେ ଅଲ୍ଲାଃତାଲା ନିଜର ପ୍ରୀୟ (ଅର୍ଥାତ ଆଁହଜରତ ସ ଅ ସଙ୍କ) ଉପରେ ଐଶିବାଣୀ ଅବତୀର୍ଣ୍ଣ କଲେ ଏବଂ ଏ ଦୁନିଆରେ ଏକ ବିପ୍ଳବ ସୃଷ୍ଟି କରିଦେଲେ । ସେହି ସାହାବିମାନେ କେଡେ ସୌଭାଗ୍ୟବାନ ଯେଉଁମାନେ ସେହି ସମୟକୁ ପାଇଥିଲେ, ଆଁହଜରତ ସ ଅ ସଙ୍କୁ ମାନି ନେଇଥିଲେ, ଆଁହଜରତ ସ ଅ ସଙ୍କଠାରୁ ଶିଖିଲେ ଏବଂ ସେହି ସିଦ୍ଧ ଦୂତ ତଥା ତାଙ୍କ ଈଶ୍ୱରଙ୍କ ପ୍ରସନ୍ନତାକୁ ପ୍ରାପ୍ତ କରିଥିଲେ ।

ପ୍ରତ୍ୟେକ ଶୁଦ୍ଧ ମସ୍ତିଷ୍କ ଏ କଥାକୁ ମାନିବାକୁ ବାଧ୍ୟ ହେବ ଯେ ସେହି ବ୍ୟକ୍ତି ଜଣକ ଅଲ୍ଲାଃତାଲାଙ୍କ ପ୍ରେମକୁ ପାଇଛି । ଏହି କଥାର ସ୍ୱଷ୍ଟ ପ୍ରମାଣ ଆମେ ହଜରତ ମସିହ ମଉଦ ଆ ସଙ୍କର ସେହି ସ୍ୱପ୍ନରୁ ମିଳିଥାଏ ଯାହା ସେ ୧୮୮୬ ମସିହାରେ ଦେଖିଥିଲେ :

"ସ୍ୱପ୍ନରେ ଦେଖିଥିଲେ ଯେ ଲୋକମାନେ ଜଣେ ମୁହୀଙ୍କୁ ଖୋଜୁଛନ୍ତି (ଅର୍ଥାତ ଇସଲାମକୁ ନୂଆ ଜୀବନ ପ୍ରଦାନକାରୀ ବ୍ୟକ୍ତି ବିଶେଷଙ୍କୁ ଖୋଜୁଛନ୍ତି) । ଜଣେ ବ୍ୟକ୍ତି ମୋ ସମ୍ମୁଖକୁ ଆସି ଇସାରା କରି କହିଲା ଯେ: ହାଜା ରଜୁଲୁନ ୟୁହିବବୁ ରସୁଲୁଲ୍ଲାଃ ଅର୍ଥାତ ଏହି ବ୍ୟକ୍ତି ଜଣକ ରସୁଲୁଲ୍ଲାଃ ସ ଅ ସଙ୍କୁ ବହୁତ ଭଲ ପାଉଛି । ତା କହିବାର ଅର୍ଥ ଏହା ଥିଲା ଯେ ଏହି ପଦବୀରେ ଅଧିଷ୍ଠିତ ହେବାପାଇଁ ହେଲେ ସବୁଠାରୁ ବଡ ସର୍ତ୍ତ ହେଉଛି ରସୁଲୁଲ୍ଲାଃ ସ ଆ ସଙ୍କୁ ପ୍ରେମ କରିବା । ଅତଏବ ତାହା ସବୁ ଏହି ବ୍ୟକ୍ତିଙ୍କ ଠାରେ ପୂର୍ଣ୍ଣ ରହିଛି ।" ***(ବରାହୀନେ ଅହେମଦୀୟା, ରୁହାନୀ ଖଜାଇନ୍, ଖ-୦୧,ପୃ-୫୯୮ ହାଶିୟାଃ ଦର ହାଶିୟାଃ ନଂ-୦୩,ତଜକରାଃ, ପୃ-୩୪)***

ହଜରତ ଶେଖ ୟାକୁବ ଅଲୀ ସାହେବ ଇରଫାନୀ ର ଅ ଉଲ୍ଲେଖ କରିଛନ୍ତି ଯେ :

ସେ ଆର୍ଯ୍ୟସମାଜୀମାନଙ୍କ ଭଳି ହାତ ଯୋଡିକି ହଜରତ୍ ଅକଦସ୍ ଙ୍କୁ (ଅର୍ଥାତ ହଜରତ୍ ମସିହ ମଉଦ ଅ ସଙ୍କୁ) ସଲାମ କଲା। କିନ୍ତୁ ହଜରତ ମୁଣ୍ଡକୁ ଟିକିଏ ଉଠାଇ ଦେଖିଲେ ପୁଣି ଓ୍ୱଜୁ କରିବାରେ ଲାଗିଗଲେ । ସେ ଭାବିଲା ଯେ ବୋଧ ହୁଏ ଶୁଣି ନଥିବେ । ତେଣୁ ସେ ପୁଣି (ସଲାମ) କଲା । ହଜରତ ସେହିପରି ନିଜ କାମରେ ମଗ୍ନ ରହିଲେ । ସେ କିଛି ସମୟ ସେଠାରେ ରହି ପୁଣି ଚାଲିଗଲା । କେହି ଜଣେ କହିଲେ ଯେ ଲେଖରାମ ଆପଣଙ୍କୁ ସଲାମ କରୁଥିଲା । (ଏହା ଶୁଣି ହଜରତ୍ ମସିହ ମଉଦ ଆ ସ) କହିଲେ: ସେ (ଅର୍ଥାତ ଲେଖରାମ)ଆଁ ହଜରତ ସ ଆ ସଙ୍କୁ ବହୁତ ଅପମାନ କରିଛି । ତେଣୁ ତା ସଲାମକୁ ଗ୍ରହଣ କରିବା ହେଉଛି ମୋ ଇମାନ ବିରୁଦ୍ଧ କଥା । ସେ ଆଁ ହଜରତ ସ ଅ ସଙ୍କ ପବିତ୍ର ଅସ୍ତିତ୍ୱ ଉପରେ ତ ଆକ୍ରମ କରୁଛି କିନ୍ତୁ ମୋତେ ସଲାମ କହିବାକୁ ଆସିଛି

***(ହୟାତେ ତୟବାଃ, ପୃ-୨୧୧)***

ଏହା ହଜରତ ମସିହ ମଉଦ ଆ ସଙ୍କ ଆତ୍ମ ସ୍ୱାଭିମାନର ଏକ ଉଦାହରଣ ଥିଲା ଯାହା ଆପଣ ଅ ସଙ୍କ ନିକଟରେ ଆଁ ହଜରତ ସ ଆ ସଙ୍କ ପ୍ରେମ ହେତୁ ଜାଗ୍ରତ ହୋଇଥିଲା । ଯଦି ଏହା ଜାଗ୍ରତ ହୋଇଥିଲା,ତାହା ଏଇଥିପାଇଁ ନୁହେଁ ଯେ କେହି ଜଣେ ଆପଣ ଆ ସଙ୍କୁ ଖରାପ କଥା କହିଲା । ନା । ଯଦି ଏହା ଜାଗ୍ରତ ହୋଇଥିଲା,ତାହା କେବଳ ଏଇଥିପାଇଁ ଯେ କେହି ଜଣେ ଆପଣ ଆ ସଙ୍କ ପ୍ରୀୟଙ୍କୁ ଅପମାନିତ କରିଥିଲା । ହଜରତ ମସିହ ମଉଦ ଆ ସ ପୁସ୍ତକଗୁଡିକ ଲେଖି ଭରିଦେଲେ, ଇସ୍ତେହାର ପ୍ରକାଶ କଲେ, ନଜମ (କବିତା) ଲେଖିଲେ ଏବଂ ଖୋଲାଖୋଲି ଭାବରେ ଏହା ପ୍ରମାଣ କରିଦେଲେ ଯେ ଆଁ ହଜରତ ସ ଆ ସଙ୍କୁ ଅପମାନ କରିବା ଅସମ୍ଭବ । ଆପଣ ସ ଆ ସଙ୍କ ପବିତ୍ର ଜୀବନ ଉପରେ କୌଣସି ବୁଦ୍ଧିମାନ ବ୍ୟକ୍ତି ସମାଲୋଚନା କରିପାରିବ ନାହିଁ । ହଜରତ ମସିହ ମଉଦ ଆ ସ ସମସ୍ତ ଇସଲାମୀ ବିରୋଧି ଲୋକମାନଙ୍କ ହାତକୁ ପ୍ରତ୍ୟେକ ପ୍ରକାରର ଅସ୍ତ୍ରରୁ ଖାଲି କରିଦେଲେ ।

ତାଙ୍କର ଏପରି ଅଦ୍ଭୁତ ପ୍ରେମ ଆକାଶରେ ଗ୍ରହଣୀୟ ହେଲା ଏବଂ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ ସଙ୍କୁ ଏବଂ ସାରା ଦୁନିଆକୁ ଏ କଥା ଜଣାଇଦେଲେ ଯେ ଆମ୍ଭେ ଏହାର ପ୍ରେମକୁ ଗ୍ରହଣ କରୁଅଛୁ ।

ଅତଏବ ହଜରତ ମସିହ ମଉଦ ଆ ସ କୁହନ୍ତି : "ମୁଁ ସବୁବେଳେ ଆଶ୍ଚର୍ଯ୍ୟ ଚକିତ ଚକ୍ଷୁରେ ଦେଖିଥାଏ ଯେ ଏହି ଆରବୀ ନବି ଯାହାଙ୍କ ନାମ ହେଉଛି ମୁହମ୍ମଦ ସ ଆ ସ (ହଜାର ହଜାର ଦରୁଦ ଏବଂ ସଲାମ ତାହାଙ୍କ ଉପରେ ହେଉ) କେଡେ ଉଚ୍ଚ ସ୍ତରର ନବି ଅଟନ୍ତି । ତାହାଙ୍କ ଉଚ୍ଚ ସ୍ତର (ଉଚ୍ଚ ବଦବୀ)ର ସୀମା ଜାଣି ହୋଇପାରୁ ନାହିଁ ଏବଂ ତାହାଙ୍କ ପବିତ୍ର ପ୍ରଭାବର ଅନୁମାନ କରିବା କୌଣସି ମଣିଣର କାର୍ଯ୍ୟ ନୁହେଁ । ଏହା ଅତ୍ୟନ୍ତ ଦୁଃଖର ବିଷୟ ଯେ ତାହାଙ୍କ ପଦମର୍ଯ୍ୟାକୁ ଯେପରି ଚିହ୍ନିବାର ଆବଶ୍ୟକତା ଥିଲା,ସେପରି କରାଗଲା ନାହିଁ । ଯେଉଁ ଏକେଶ୍ୱରବାଦ ଏ ଜଗତରୁ ହଜି ଯାଇଥିଲା,ସେ ହିଁ ଏପରି ଜଣେ ଯୋଦ୍ଧା ଥିଲେ,ଯିଏ ପୁନର୍ବାର ତାକୁ (ଅର୍ଥାତ ସେହି ଏକେଶ୍ୱରବାଦକୁ) ଏ ଜଗତକୁ ଫେରାଇ ଆଣିଲେ । ସେ ଅଲ୍ଲାଃତାଲାଙ୍କୁ ଅତ୍ୟଧିକ ମାତ୍ରାରେ ଭଲ ପାଉଥିଲେ ଏବଂ ମାନବଜାତିର ସର୍ବୋଚ୍ଚ ସ୍ତରର ସହାନୁଭୂତିରେ ତାହାଙ୍କ ଜୀବନ ଅତିବାହିତ ହେଲା । ଅତଏବ ଅଲ୍ଲାଃତାଲା,ଯିଏ ତାଙ୍କ ହୃଦୟର ରହସ୍ୟକୁ ଜାଣିଥିଲେ,ତାଙ୍କୁ ସମସ୍ତ ନବିମାନଙ୍କ ଉପରେ, ସମସ୍ତ ଅଓ୍ୱଲିନ ଏବଂ ଆଖିରୀନ (ଅର୍ଥାତ ତାଙ୍କ ପୂର୍ବରୁ ଆସିଥିବା ନବି ଏବଂ ପରେ ଆସିବାକୁ ଥିବା ନବି) ମାନଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କରିଥିଲେ । ତାହାଙ୍କ ସବୁ ମନୋବାଂଛା (ତାଙ୍କର ସମସ୍ତ ଉଦ୍ଦେଶ୍ୟ) ଏହି ଜୀବନରେ ହିଁ ତାଙ୍କୁ ପ୍ରଦାନ କରିଦେଲେ ।" ***(ହକିକତୁଲ ଓ୍ୱହି, ରୁହାନୀ ଖଜାଇନ୍, ଖ-୨୨,ପୃ-୧୧୮-୧୧୯)***

ପୁଣି ହଜରତ୍ ମସିହ ମଉଦ ଆ ସ କୁହନ୍ତି :

"ପୃଥିବୀରେ ବାସ କରୁଥିବା ହେ ସମସ୍ତ ଲୋକମାନେ ! ଏବଂ ହେ ସମସ୍ତ ମାନବୀୟ ଆତ୍ମା,ଯେଉଁମାନେ ପୂର୍ବ ଏବଂ ପଶ୍ଚିମରେ ବାସ କରୁଅଛ ! ମୁଁ ସମ୍ପୂର୍ଣ୍ଣ ଜୋର ଦେଇ ଆପଣମାନଙ୍କୁ ଏ ଆଡ଼କୁ ନିମନ୍ତ୍ରଣ କରୁଅଛି ଯେ ଏବେ ଏ ପୃଥିବୀ ପୃଷ୍ଠରେ ଇସଲାମ ହିଁ ହେଉଛି ଏକମାତ୍ର ସଚ୍ଚା ଧର୍ମ । (ପ୍ରକୃତ ଧର୍ମ)। ଏବଂ ସତ୍ୟ ଈଶ୍ୱର ହେଉଛନ୍ତି ସେହି ଈଶ୍ୱର ଯାହା ପବିତ୍ର କୁରଆନ ବର୍ଣ୍ଣନା କରିଛି,ଏବଂ ଅନନ୍ତ ଆଧ୍ୟାତ୍ମିକ ଜୀବନର ନବୀ ତଥା ବୈଭବ ଏବଂ ପବିତ୍ର ସିଂହାସନରେ ଅଧିଷ୍ଠିତ ହୋଇଥିବା ନବି ହେଉଛନ୍ତି ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ।" ***(ତରୟାକୁଲ କୁଲୁବ, ରୁହାନୀ ଖଜାଇନ୍, ଖ-୧୫, ପୃ-୧୪୧)***

ପୁଣି ହଜରତ ମସିହ ମଉଦ ଆ ସ କୁହନ୍ତି:

"ଯେଉଁ ଲୋକମାନେ ଈଶ୍ୱରଙ୍କୁ ଭୟ ନକରି ଅନ୍ୟାୟସରେ ଆମର ମହାନ ନବି ହଜରତ୍ ମୁହମ୍ମଦ ସ ଅ ସଙ୍କୁ ଖରାପ ଭାଷାରେ ସ୍ମରଣ କରୁଛନ୍ତି ଏବଂ ଆଁ ହଜରତ ସ ଅ ସଙ୍କ ଉପରେ ଅପବିତ୍ର ଆରୋପ ଲଗାଉଛନ୍ତି ଏବଂ କୁଭାଷା ପ୍ରୟୋଗ କରିବାରୁ ନିବୃତ ରହୁନାହାଁନ୍ତି, ସେମାନଙ୍କ ସହିତ ଆମେ କିପରି ସୁଲାହ (ଅର୍ଥାତ ଶାନ୍ତି ସ୍ଥାପନ) କରିପାରିବୁ ? ମୁଁ ସତ୍ୟ କହୁଅଛି ଯେ ଆମେ ପୃଥିବୀ ପୃଷ୍ଠରେ ରହୁଥିବା ସାପମାନଙ୍କ ସହିତ ତଥା ମରୁଭୂମିରେ ରହୁଥିବା ଗଧିଆମାନଙ୍କ ସହିତ ସୁଲାହ କରିପାରିବୁ କିନ୍ତୁ ଏହି ଲୋକମାନଙ୍କ ସହିତ ସୁଲାହ କରିପାରିବୁ ନାହିଁ ଯେଉଁମାନେ ଆମ ପ୍ରୀୟ ନବି,ଯିଏ ଆମ ଜୀବନ ତଥା ଆମ ପିତାମାତାଙ୍କଠାରୁ ବି ପ୍ରୀୟ ଅଟନ୍ତି, ତାଙ୍କ ଉପରେ ଅପବିତ୍ର ଆକ୍ରମଣ କରୁଛନ୍ତି । ଅଲ୍ଲାଃ ଆମକୁ ଇସଲାମ ଉପରେ ରହିଥିବା ଅବସ୍ଥାରେ ମୃତ୍ୟୁ ଦିଅନ୍ତୁ । ଆମେ ଏପରି କାମ କରିବାକୁ ଚାହୁଁନାହୁଁ ଯାହା ଦ୍ୱାରା ଆମର ଇମାନ (ବିଶ୍ୱାସ) ଚାଲିଯାଉଥିବ । (ଅର୍ଥାତ ଇମାନ ଶେଷ ହୋଇଯିବ)***(ପୌଗାମ ସୁଲାହ, ରୁହାନୀ ଖଜାଇନ୍, ଖ-୨୩, ପୃ-୪୫୯)***

ଥରକର ଘଟଣା ଏପରି କି ହଜରତ୍ ମସିହ ମଉଦ ଆ ସ ନିଜ ଘର ସହିତ ସଲଗ୍ନ ଥିବା ଅଲବୟତରେ ଏକୁଟିଆ ପଦଚାରଣ କରୁଥିଲେ, ସେହି ଅଲବୟତକୁ ଅଲବୟତୁଲ ମୁବାରକ କୁହାଯାଏ । ଏବଂ ଧିରେ ଧିରେ କିଛି ଗୁଣୁ ଗୁଣାଉ ଥିଲେ ଓ ତା ସହିତ ତାଙ୍କ ଆଖିରୁ ଧାର ଧାର ଲୁହ ବହି ଚାଲିଥିଲା । ସେହି ସମୟରେ ଜଣେ ନିଷ୍ଠାବାନ ବ୍ୟକ୍ତି ବାହାରୁ ଆସି ଶୁଣିଲେ ଯେ ହଜରତ୍ ମସିହ ମଉଦ ଆ ସ ଆଁହଜରତ୍ ସ ଅ ସଙ୍କ ସାହାବି ହଜରତ୍ ହସାନ ବିନ ସାବିତ ର ଅଙ୍କ ଦ୍ୱାରା ଲିଖିତ ଗୋଟିଏ ପଦ ପଢୁଥିଲେ, ଯେଉଁ ପଦକୁ ହଜରତ୍ ହସାନ ବିନ ସାବିତ ଆଁ ହଜରତ ସ ଅ ସଙ୍କ ଦେହାନ୍ତ ସମୟରେ ପାଠ କରିଥିଲେ । ସେହି ପଦଟି ହେଉଛି ଏପରି :

**କୁନତସ୍ ସଓ୍ୱାଦା ଲିନାଜିରୀ ଫଅମିୟା**

**ଆଲୈକନ୍ ନାଜିରୁ**

**ମନ ଶାଆ ବାଦକା ଫଲୟମୁତ୍**

**ଫଆଲୈକା କୁନତୁ ଉହାଜିରୁ**

***(ଦିଓ୍ୱାନେ ହସାନ୍ ବିନ୍ ସାବିତ)***

"ଅର୍ଥାତ ହେଲ୍ଲାଃଙ୍କ ପ୍ରିୟ ରସୁଲ ! ତୁମ୍ଭେ ମୋ ଆଖିର ଡୋଳା ଥିଲ,ଯାହା ଆଜି ତୁମ୍ଭର ମୃତ୍ୟୁ ହେତୁ ଅନ୍ଧ ହୋଇଯାଇଛି । ଏବେ ତୁମ୍ଭ ପରେ ଯିଏ ଚାହେଁ ମରୁ, ମୁଁ ତ କେବଳ ତୁମ୍ଭର ମୃତ୍ୟୁକୁ ଭୟ କରିଥିଲି ଯାହା ଏବେ ଘଟିଗଲା"

ବର୍ଣ୍ଣନାକାରୀ କୁହନ୍ତି ଯେ ଯେବେ ମୁଁ ହଜରତ ମସିହ ମଉଦ ଆ ସଙ୍ଗଙ୍କୁ ଏପରି କ୍ରନ୍ଦ୍ରନ କରିବାର ଦେଖିଲି ଏବଂ ସେତେବେଳେ ଆପଣ ଆ ସ ଅଲବୟତରେ ସମ୍ପୂର୍ଣ୍ଣ ରୂପେ ଏକାକୀ ଚାଲୁଥିଲେ । ତେଣୁ ମୁଁ ଭୟଭୀତ ହୋଇ କହିଲି,ହଜରତ୍ ! କଥା କ'ଣ ହଜୁରଙ୍କୁ କେଉଁ ଦୁଃଖ/ଆଘାତ ଲାଗିଛି ? ହଜରତ ମସିହ ମଉଦ ଆ ସ କହିଲେ : ମୁଁ ବର୍ତମାନ ହସାନ ବିନ ସାବିତ ର ଅଙ୍କ କବିତା ପାଠ କରୁଥିଲି ଏବଂ ମୋ ହୃଦୟରେ ଏହି ଇଚ୍ଛା ସୃଷ୍ଟି ହେଉଥିଲା ଯେ "କାଳେ ଏହି ପଦଟି ମୋ ମୁହଁରୁ ବାହାରି ଥାନ୍ତା କି ।"(ଅର୍ଥାତ ମୁଁ ଏହି କବିତାର ଏହି ପଂକ୍ତିକୁ ଲେଖିଥାନ୍ତି କି )।***(ସିରତ ତୟବାଃ, ପୃ-୨୭-୨୮,ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ଏମ ଏ ,ଏପ୍ରିଲ ୧୯୬୦)***

ଜମାତ ଅହେମଦୀୟାର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ମସିହ ମଉଦ ଆ ସ କହିଛନ୍ତି ଯେ :

"ଦିନେ ରାତିରେ ଏହି ଅଧମ (ଅର୍ଥାତ ସ୍ୱୟଂ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ମସିହ ମଉଦ ଆ ସ) ବହୁଳ ଭାବରେ ବାରମ୍ବାର ଦୁରଦ ଶରିଫ ପାଠ କଲି ଯେ (ଏତତଦ୍ୱାରା ମୋ) ହୃଦୟ ଏବଂ ଆତ୍ମା ସୁଗନ୍ଧିତ ହୋଇଗଲା । ସେହି ରାତିରେ ମୁଁ ସ୍ୱପ୍ନ ଦେଖିଲି ଯେ ଫରିସ୍ତାମାନେ (ଅର୍ଥାତ ଦେବଦୂତଗଣ) ଏହି ଅଧମର ଘରକୁ ଆବେ ଜୁଲାଲ ରୂପରେ ଏକ ଜ୍ୟୋତିର କଳଶ ଧରି ଆସିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ କହିଲେ ଯେ"ଏହି ଆଶୀଷ ହେଉଛି ସେହି ଆଶୀଷ ଯାହା ତୁମେ ମୁହମ୍ମଦଙ୍କ ନିକଟକୁ ପ୍ରେରଣ କରିଥିଲ । *ସ୍ୱଲଲ୍ଲାଃହୁ ଆଲୈହେ ଓ୍ୱ ସଲ୍ଲମା*" ***(ବରାହୀନେ ଅହେମଦୀୟାଃ, ରୁହାନୀ ଖଜାଇନ୍, ଖ-୦୧, ପୃ-୫୯୮)***

ଏହା ଥିଲା ଆଁହଜରତ୍ ସ ଆ ସଙ୍କ ପ୍ରତି ହଜରତ ମସିହ ମଉଦ ଆ ସଙ୍କର ପ୍ରେମ,ସ୍ନେହ ଓ ଭଲପାଇବା ଯାହାର ଅନୁମାନ ଲଗାଇବା (ଯାହାର ଆକଳନ କରିବା) ଜଣେ ସାଧାରଣ ମଣିଷର କଳ୍ପନା ବାହାର କଥା । ଏହି ପ୍ରେମ ଓ ଭଲପାଇବାର କାହାଣୀ କୌଣସି ଅସ୍ଥାୟୀ, ସାମୟୀକ ତଥା କେବଳ ଭାବପ୍ରବଣତାର ଅବସ୍ଥା ନଥିଲା ବରଂ ହଜରତ ମସିହ ମଉଦ ଆ ସଙ୍କ ପ୍ରତିଟି ଲୋମ ଏବଂ ପ୍ରତ୍ୟେକ ଶିରାପ୍ରଶିରା ଆଁହଜରତ୍ ସ ଆ ସଙ୍କ ପ୍ରେମରେ ପରିପୂର୍ଣ୍ଣ ଥିଲା । ଅଲ୍ଲାଃତାଲା ଆମକୁ ମଧ୍ୟ ହଜରତ ମସିହ ମଉଦ ଆ ସଙ୍କ ପଦାଙ୍କ ଅନୁସରଣ କରିବାକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ***(ଆମୀନ)*** ⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ......*

ହଜରତ୍ ଖଲିଫତୁଲ ମସିହ ସାନୀ (ଦ୍ୱିତୀୟ) ର ଅ କାଦିଆନର ବିକାଶ ସମ୍ବନ୍ଧରେ ହଜରତ ମସିହ ମଉଦ ଆ ସ ଙ୍କ ଭବିଷ୍ୟବାଣୀ ଗୁଡିକ କିପରି ଚମତ୍କାର ଭାବରେ ପୂରଣ ହୋଇଛନ୍ତି, ଏ ବିଷୟରେ ଚର୍ଚ୍ଚା କରି କହିଛନ୍ତି:

"ଅତଏବ ସମ୍ପୂର୍ଣ୍ଣ ବିପରୀତ ପରିସ୍ଥିତିରେ ଏବଂ କୌଣସି ପ୍ରକାଶ୍ୟ ତଥା ବ୍ୟବହାରିକ ଉପକରଣର ଗୁଡିକ ମହଜୁଦ ନଥିବା ସମୟରେ ହଜରତ ମସିହ ମଉଦ ଆ ସ ଭବିଷ୍ୟବାଣୀ କରିଥିଲେ ଯେ କାଦିଆନ ବହୁତ ବିକାଶ କରିବ । ଏହି ଭବିଷ୍ୟବାଣୀ ପ୍ରକାଶିତ ହେବା ପରେ ଅଲ୍ଲାଃତାଲା ଆପଣ ଆ ସଙ୍କ ଜମାତକୁ ମଧ୍ୟ ବିକଶିତ କରିବ ଆରମ୍ଭ କରିଦେଲେ, ଏବଂ ତତସହିତ ଜମାତର ଲୋକମାନଙ୍କ ମନରେ ଏ ଇଚ୍ଛା ଜାଗ୍ରତ କରାଇବା ଆରମ୍ଭ କରିଦେଲେ ଯେ ସେମାନେ ଆସି କାଦିଆନରେ ବସବାସ କରନ୍ତୁ । ସୁତରାଂ ଲୋକମାନେ ବିନା କୌଣସି ପ୍ରୋତ୍ସାହନରେ ନିଜ ନିଜର ସହର ତଥା କସବାକୁ ଛାଡି କାଦିଆନରେ ଆସି ବସବାସ କରିବା ଆରମ୍ଭ କରିଦେଲେ । ସେମାନଙ୍କୁ ଦେଖି ଅନ୍ୟ ଲୋକମାନେ ମଧ୍ୟ ଏଠାକୁ ଆସି ବସବାସ କରିବା ଆରମ୍ଭ କରିଦେଲେ । ବର୍ତମାନ ସେହି ଭବିଷ୍ୟବାଣୀକୁ ସମ୍ପୂର୍ଣ୍ଣ ରୂପେ ପୂରଣ ହେବା ପାଇଁ ସମୟ ଅଛି କିନ୍ତୁ ଯେତେ ପରିମାଣରେ ଏହି ଭବିଷ୍ୟବାଣୀ ପୂରଣ ହୋଇଯାଇଛି,ତାହା ମଧ୍ୟ ବଡ ଆଶ୍ଚର୍ଯ୍ୟଜନକ କଥା..... ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ କାଦିଆନ ଏପରି ଉନ୍ନତି କରିସାରିଛି ଯାହାର ଉଦାହରଣ ଏ ପୃଥିବୀରେ କୌଣସି ସ୍ଥାନରେ ମଧ୍ୟ ମିଳିପାରିବ ନାହିଁ । ଅର୍ଥନୈତିକ ଦୃଷ୍ଟି କୋଣରୁ ସହରର ଉନ୍ନତି ତଥା ବିକାଶ କାର୍ଯ୍ୟ ନିମନ୍ତେ ଯେଉଁ ସମସ୍ତ ନିୟମ ଧାର୍ଯ୍ୟ ରହିଛି,ସେ ସବୁ ନଥିବା ସତ୍ୱେ ମଧ୍ୟ ଏହା ଅଗ୍ରଗତି କରି ଅଲ୍ଲାଃତାଲାଙ୍କ ବାଣୀର ସତ୍ୟତାକୁ ପ୍ରତିପାଦନ କରିଛି । ଏତତଦ୍ୱାରା ଯେଉଁ ଲୋକମାନେ କାଦିଆନର ପ୍ରଥମ ଅବସ୍ଥାକୁ ତଥା ତାହାର ସ୍ଥିତି ବିଷୟରେ ଜାଣିଛନ୍ତି,ସେମାନେ ଯେ କୌଣସି ଧର୍ମର ଲୋକ ହୋଇଥାନ୍ତୁ ନା କାହିଁକି,ସେମାନେ ଏ କଥାକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇ ଯାଉଛନ୍ତି ଯେ ନିଶ୍ଚିତ ରୂପେ ଏହା ଏକ ଅସାଧାରଣ ସଂଯୋଗ । କିନ୍ତୁ ବଡ ପରିତାପର ବିଷୟ ଯେ ଲୋକମାନେ ଏହା ଦେଖୁନାହାନ୍ତି ଯେ କ'ଣ ସବୁତକ ଅସାଧାରଣ ସଂଯୋଗ (ଅର୍ଥାତ ସମସ୍ତ ଅସାଧାରଣ ସମନ୍ୱୟ) କେବଳ ମିର୍ଜା ସାହେବଙ୍କ ହାତରେ ଏକାଠି ହେବାର ଥିଲା । ***(ଦାଓ୍ବତୁଲ ଅମୀର, ପୃ-୩୩୭-୩୩୮, ମୁଦ୍ରିତ ଜାନୁଆରୀ ୨୦୧୭ କାଦିଆନ)***

**ଆର୍ଥିକ ସାହାଯ୍ୟ ଓ ସହାୟତା ବିଷୟରେ କରାଯାଇଥିବା ଭବିଷ୍ୟବାଣୀ**

ଆର୍ଥିକ ସହାୟତା ସମ୍ବନ୍ଧରେ ହଜରତ ମସିହ ମଉଦ ଆ ସ ଙ୍କୁ ଅଲ୍ଲାଃତାଲା ଏ ଖବର ଦେଇଥିଲେ ଯେ ୟନସୁରୁକା ରିଜାଲୁନ ନୁହୀ ଇଲୈହିମ ମିନସ ସମାଇ ଅର୍ଥାତ ଅଲ୍ଲାଃତାଲା ନିଜ ତରଫରୁ ତୁମକୁ ସାହାଯ୍ୟ କରିବେ ଏବଂ ସେହି ଲୋକମନେ ତୁମକୁ ସାହାଯ୍ୟ କରିବେ ଯେଉଁମାନଙ୍କୁ ଆମେ ଆକାଶରୁ ଓହି (ଅର୍ଥାତ ସ୍ୱର୍ଗବାଣୀ) କରିବୁ । ସେହିପରି ହଜରତ ମସିହ ମଉଦ ଆ ସଙ୍କୁ ଅଲ୍ଲାଃତାଲା ଐଶୀବାଣୀ ଦ୍ୱାରା ଏ ଖବର ପ୍ରଦାନ କରିଥିଲେ ଯେ : ମୁଁ ମଧ୍ୟ ତୁମର ଶୁଦ୍ଧ ତଥା ଆନ୍ତରିକ ଅନୁଗାମୀମାନଙ୍କର ସଂଖ୍ୟାକୁ ବୃଦ୍ଧି କରିବି ଏବଂ ସେମାନଙ୍କ ଧନ ଓ ଜନରେ ବରକତ ଦେବି (ଅର୍ଥାତ ବୃଦ୍ଧି କରିବି) ଏବଂ ସେମାନଙ୍କୁ ପ୍ରଚୁର ମାତ୍ରାରେ ଦେବି । ***(ତବଲିଗ ରିସାଲତ୍, ଖ-୦୧, ପୃ-୬୦-୬୨, ଇସ୍ତେହାର ୨୦ ଫେବୃୟାରୀ ୧୮୮୬)***

ପ୍ରିୟ ପାଠକେ ! ଏପରି ଏକ ସମୟ ଥିଲା ଯେ ହଜରତ ମସିହ ମଉଦ ଅ ସଙ୍କ ଭାଉଜ ତାଙ୍କ ଘରେ ବଂଚିଥିବା ବଳକା ଖାଦ୍ୟକୁ ଆପଣ ଆ ସ ଙ୍କ ଖାଇବା ନିମନ୍ତେ ପଠାଉ ଥିଲେ କିନ୍ତୁ ସେହି ଈଶ୍ୱରୀୟ ସୁସମାଚାର ମୁତାବକ ଆଜି ହଜାର ହଜାର ପରିବାର ଆପଣ ଆ ସଙ୍କ ଦସ୍ତରଖାନରୁ ଖାଦ୍ୟ ଗ୍ରଣେ କରୁଛନ୍ତି । (ଅର୍ଥାତ ହଜରତ ମସିହ ମଉଦ ଅ ସଙ୍କ ରୋଷଇ ଘରୁ ଖାଦ୍ୟ ଖାଉଛନ୍ତି) । ହଜରତ ମସିହ ମଉଦ ଅ ସ ସେତେବେଳର ପରିସ୍ଥିତି ବିଷୟରେ ଗୋଟିଏ ଆରବୀ କବିତାରେ ତାହା ବର୍ଣ୍ଣନା ଏପରି କରିଛନ୍ତି :

***ଲୁଫାଜାତୁଲ ମଓ୍ବାଇଦି କାନା ଉକୁଲି***
***ଫସିର୍ତୁଲ ୟୋମା ମିତଆମୁଲ୍ ଅହାଲି***

ଅର୍ଥାତ ଏପରି ଏକ ସମୟ ଥିଲା ଯେ ଅନ୍ୟମାନଙ୍କ ଖାଦ୍ୟ ଟେବୁଲରେ ବଂଚି ଯାଇଥିବା ଅବଶିଷ୍ଟ ଖାଦ୍ୟଖଣ୍ଡଗୁଡିକ ମୋର ଖାଦ୍ୟ ଥିଲା,କିନ୍ତୁ ଆଜି ଏପରି ପରିସ୍ଥିତି ହୋଇଯାଇଛି ଯେ ଅନେକ ପରିବାର ମୋ ଖାଦ୍ୟ ଟେବୁଲରେ ଖାଦ୍ୟ ଖାଉଛନ୍ତି । ପୁଣି ତା'ପରେ ଏପରି ଏକ ସମୟ ଥିଲା ଯେ ଜଲସା ସାଲାନାଃର ଅତିଥିମାନଙ୍କୁ ଖାଦ୍ୟ ଖାଇବାକୁ ଦେବା ପାଇଁ ଆପଣ ଅ ସଙ୍କ ନିକଟରେ ପଇସାଟିଏ ବି ନଥିଲା । ହଜୁର ନିଜର ଶ୍ୱଶୁର ଶ୍ରୀମାନ ମୀର ନାସର ନଓ୍ବାବ ସାହେବଙ୍କୁ କହିଲେ ଯେ ମୋ ପତ୍ନୀ ସାହିବାଙ୍କ ନିକଟରେ କିଛି ଗହଣା ଅଛି,ସେ ସବୁକୁ ବିକ୍ରି କରି ଅତିଥିମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଉ କିନ୍ତୁ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୁସମାଚାର ମୁତାବକ ଆଜି ଦୁନିଆର ଅନେକ ଦେଶରେ କାଦିଆନ ଶୈଳୀରେ ଜଲସା ସାଲାନାଃ ଜାରି ରହିଛି ଏବଂ ହଜରତ ମସିହ ମଉଦ ଅ ସଙ୍କ ଦ୍ୱାରା ଜାରି କରାଯାଇଥିବା ଲଙ୍ଗର (ଭୋଜନାଳୟ) ର ଶାଖାମାନ ସ୍ଥାପନ କରାଯାଇଛି,ଏବଂ ପ୍ରତ୍ୟେକ ଜଲସାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଏପରି ଏକ ସମୟ ଥିଲା ଯେ ବରାହୀନେ ଅହେମଦୀୟାର ମୁଦ୍ରଣ ପାଇଁ ଆପଣ ଆ ସ ନିଜେ ଅମୃତସର ଯାଉଥିଲେ ଏବଂ ତାହାର ମୁଦ୍ରଣ ଖର୍ଚ୍ଚକ ନେଇ ବହୁତ ଚିନ୍ତିତ ରହୁଥିଲେ । କିନ୍ତୁ ବର୍ତମାନ ଆର୍ଥିକ ସହାୟତା ଏବଂ ଐଶୀ ସାହାଯ୍ୟର ଅବସ୍ଥା ଏପରି ଯେ ଆପଣ ଆ ସଙ୍କ ମିଶନକୁ ପୂରଣ କରିବା ପାଇଁ ଜମାତ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଅଛି । ଦୁନିଆର ଅନେକ ଦେଶରେ ଜମାତର ନିଜସ୍ୱ ପ୍ରିଟିଂ ପ୍ରେସ ରହିଛିା ଲକ୍ଷ ଲକ୍ଷ ସଂଖ୍ୟାରେ ପୁସ୍ତକ ତଥା ଲିଟରେଚର ଇତ୍ୟାଦି ପ୍ରତ୍ୟେକ ବର୍ଷ ପ୍ରକାଶିତ ହେଉଛି । ଏମ ଟି ଏ ଇଂଟର ନ୍ୟାସନାଲ୍ (MTA INTERNATIONAL) ରୂପରେ ଜମାତର ନିଜସ୍ୱ ଟି ଭି ଚ୍ୟାନେଲ ଏବଂ ଅନେକ ରେଡିଓ ଷ୍ଟେସନମାନ ସ୍ଥାପନ କରାଯାଇଛି । ଯାହା ସାହାଯ୍ୟରେ ଜମାତର ବାର୍ତା ଦୁନିଆର କୋଣ ଅନୁକୋଣରେ ପହଂଚି ଚାଲିଛି ।

ପ୍ରିୟ ପାଠକେ ! ଜମାତ ଅହେମଦୀୟାର ଦିନକୁ ଦିନ ଉନ୍ନତିକୁ ଦେଖି ବିରୋଧିମାନଙ୍କ ଦୁଃଖ ଏବଂ ଚିନ୍ତାକୁ ଆକଳନ କରିବା କିଛି କଷ୍ଟକର ନୁହେଁ । ଜମାତ ଅହେମଦୀୟାର ବାର୍ଷିକ ବଜେଟ୍ ଏବେ ଲକ୍ଷରୁ ଅଧିକ ହୋଇ କୋଟିରେ ଏବଂ କୋଟିରୁ ଯାଇ ଶହସ୍ର କୋଟିରୁ ଉର୍ଦ୍ଧ୍ୱରେ ପହଂଚିଲାଣି । ବର୍ତମାନ ଅଲ୍ଲାଃତାଲାଙ୍କ ଆର୍ଥିକ ସହାୟତାର ଅବସ୍ଥା ଏପରି ଯେ ହଜରତ ମସିହ ମଉଦ୍ ଆ ସ ଙ୍କ ମିଶନକୁ ପୂରଣ କରିବା ପାଇଁ ଜମାତ ଅହେମଦୀୟା ବାର୍ଷିକ ଶହସ୍ର କୋଟି ଟଙ୍କା ଖର୍ଚ୍ଚ କରୁଅଛି । ଏକ ଛୋଟିଆ ତଥା ଗରିବ ସମ୍ପ୍ରଦାୟକୁ ଦେଖି ବିଶ୍ୱ ଆଶ୍ଚର୍ଯ୍ୟଚକିତ ଓ ବିସ୍ମିତ ଯେ ଏହି ଜମାତ ନିକଟକୁ ଏତେ ଟଙ୍କା କେଉଁଠାରୁ ଆସୁଛି ? ସାଂସାରିକ ଚିନ୍ତାଧାରା ରଖିଥିବା ଲୋକମାନେ ଯେବେ ଏ ବିଷୟରେ କିଛି ବୁଝିପାରୁନାହାନ୍ତି,ସେତେବେଳେ ସେମାନେ କହୁଛନ୍ତି ଯେ ଏମାନଙ୍କୁ (ଅର୍ଥାତ ଜମାତ ଅହେମଦୀୟାକୁ) ଇସ୍ରାଇଲ ଦେଶରୁ ଟଙ୍କା ଆସୁଛି ବା ଅମୁକ ଦେଶ ସେମାନଙ୍କୁ ସାହାଯ୍ୟ କରୁଛି । ଏହିପରି ଏକ ଅବସରରେ ହଜରତ ଖଲିଫତୁଲ ମସିହ ସାଲିସ (ତୃତୀୟ) ରହେମହୁଲ୍ଲାଃ ତାଲା କହିଥିଲେ ଯେ: "ଆମ ଧନସମ୍ପତି ଆମେରିକୀୟ ବା କାନାଡିଆନ ଡଲାର ନୁହେଁ ବା ୟୁରୋପୀୟ ମୁଦ୍ରା ବା ବ୍ରିଟିଶ ପାଉଣ୍ଡ ନୁହେଁ । ଆମ ଧନସମ୍ପତି ହେଉଛି ଏପରି ଆନ୍ତରିକ ହୃଦୟ ଯାହା ଏକ ଉଜ୍ଜ୍ୱଳ ଛାତି ଭିତରେ ରହି ସ୍ପନ୍ଦନ କରୁଅଛି । ଯେପର୍ଯ୍ୟନ୍ତ ଏହି ହୃଦୟ ଆମ ପାଖରେ ଥିବ ଏବଂ ଯେତେ ଯେତେ ଏପରି ଛାତିର ସଂଖ୍ୟା ବଢି ଚାଲିଥିବ କିଏ ବା ସେହି ଟଙ୍କା ବିଷୟରେ ଚିନ୍ତା କରିବ । ଯେବେ ତାହାର ଆବଶ୍ୟକ ହେବ ସେତେବେଳେ ଅଲ୍ଲାଃତାଲା ଆକାଶରୁ ତାହାକୁ ଫୋପାଡି ଦେବେ ।'' ***(ଖୁତବା ଜୁମା ପ୍ରଦତ ୨୧ ନଭେମ୍ବର ୧୯୫୭)***

ହଜରତ ଖଲିଫତୁଲ ମସିହ ସାନି (ଦ୍ୱିତୀୟ) ର ଅ ଆର୍ଥିକ ସୟାୟତା ବିଷୟରେ ହୋଇଥିବା ଭବିଷ୍ୟତବାଣୀ କିପରି ବୈଭବର ସହିତ ପୂରଣ ହୋଇଛନ୍ତି,ସେ ବିଷୟରେ ଚର୍ଚ୍ଚା କରି କହିଛନ୍ତି ଯେ :

"ଆମ ଜମାାତ ହେଉଛି ଗରିବ ଲୋକମାନଙ୍କର ଜମାତ,କାରଣ ଅଲ୍ଲାତାଲାଃଙ୍କ ସୁନ୍ନତ (କାର୍ଯ୍ୟଶୈଳୀ) ହେଉଛି ଏହା କି ପ୍ରାରମ୍ଭରେ ଗରିବ ଲୋକମାନେ ହିଁ ତାହାଙ୍କ ସିଲସିଲାରେ (ଅର୍ଥାତ ଅଲ୍ଲାଃତାଲାଙ୍କ ଐଶୀ ସମ୍ପ୍ରଦାୟରେ)ପ୍ରବେଶ କରିଥାନ୍ତି । ସେମାନଙ୍କୁ ଦେଖି ଲୋକମାନେ କହିଥାନ୍ତି ***ଓ୍ବମା ନରାକା ଇତତବାଅକା ଇଲ୍ଲଲ୍ ଲଜିନା ହୁମ୍ ଅରାଜିଲୁନା ବାଦିୟର ରାଈ***

***(ସୁରଃ ହୁଦ : ୨୮)***

ଏପରି କହିବାର ଅର୍ଥ ହେଉଛି ଏହା କି କୌଣସି ବ୍ୟକ୍ତି ଏ କଥା ନକହୁ ଯେ ଏହି ସିଲସିଲା ମୋ ସାହାଯ୍ୟ ସହଯୋଗ ଦ୍ୱାରା ହିଁ ବ୍ୟାପିଛି ଏବଂ ଅଜ୍ଞ ବିରୋଧିମାନେ ବି ଏହି ପ୍ରକାରର ଆପତି ଅଭିଯୋଗ କରିପାରିବେ ନାହିଁ ଅତଏବ ଏପରି ଜମାତ ଦ୍ୱାରା ଏତେ ମାତ୍ରାରେ ଭାର ବହନ କରିବା କୌଣସି ଐଶୀ ସହାୟତା ବିନା ହୋଇପାରିବ ନାହିଁ । ସେହିପରି ଏହି ଗରିବ ଜମାତ ସରକାରୀ ଟ୍ୟାକ୍ସ ଏପରି ଦେଇଥାନ୍ତି ଯେପରି ଅନ୍ୟ ଲୋକମାନେ ଟିକସ ଦେଇଥାନ୍ତି ବା ଭୂଟିକସ ଦେଇଥାନ୍ତି । ସଡକ ନିର୍ମାଣ ତଥା ଡାକ୍ତରଖାନା ଇତ୍ୟାଦି ନିମନ୍ତେ ଖର୍ଚ୍ଚ କରିବାରେ ଭାଗ ନେଇଥାନ୍ତି । ସୁତରାଂ ଅନ୍ୟ ଲୋକମାନେ ଯେଉଁ ସବୁ ଖର୍ଚ୍ଚକୁ ବହନ କରିଥାନ୍ତି ସେହି ସମସ୍ତ ଟ୍ୟାକ୍ସ ବା ଖର୍ଚ୍ଚ ଏହି ଜମାତ ବି ପ୍ରଦାନ କରିଥାଏ । ପୁଣି ଧର୍ମର ପ୍ରକାଶନ (ଅର୍ଥାତ ଧର୍ମର ପ୍ରଚାର ପ୍ରସାର) ଏବଂ ତାହାର ସ୍ଥାପନା ନିମନ୍ତେ ମଧ୍ୟ ଟଙ୍କା ଦେଇଥାଏ । ଏହିପରି ଦୀର୍ଘ ୧୩୫ ବର୍ଷ ହେବ ସେ ଏହି ଭାରକୁ ବହନ କରିଆସୁଛନ୍ତି । ଅବଶ୍ୟ ଏ ଯୁଗରେ ଅପେକ୍ଷାକୃତ ଅଧିକ ସମୃଦ୍ଧ ତଥା ସମ୍ମାନୀୟ ଲୋକେ ଏହି ସମ୍ପ୍ରଦାୟରେ ସାମିଲ ହୋଇଛନ୍ତି । କିନ୍ତୁ ସେହି ମାତ୍ରାରେ ଖର୍ଚ୍ଚ ମଧ୍ୟ ବୃଦ୍ଧି ହୋଇଛି । ତେଣୁ କ'ଣ ଏହା ଆଶ୍ଚର୍ଯ୍ୟ ଜନକ କଥା ନୁହେଁ ଯେ ଯେଉଁଠି ଅବଶିଷ୍ଟ ଲୋକମାନେ ଅଧିକା ଧନୀ ଶ୍ରେଣୀର ହୋଇଥିବା ସତ୍ୱେ ବି ସେମାନଙ୍କର ବ୍ୟକ୍ତିଗତ ଖର୍ଚ୍ଚ ଯୋଗୁଁ ସେମାନେ ଏ ଆପତି ଅଭିଯୋଗ କରିଥାନ୍ତି ଯେ ଆମକୁ ଆମର ରୋଜଗାର ପାଉନାହିଁ । କିନ୍ତୁ ଏହି ଜମାତର ଲୋକମାନେ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା କୌଣସି ବି ବ୍ୟବଧାନ ବିନା ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରିଚାଲିଛନ୍ତି,ଏବଂ କେବଳ ହିଁ କେବଳ ଅଲ୍ଲାଃତାଲାଙ୍କ କୃପାରୁ ଏ ବିଷୟ ପାଇଁ ବି ପ୍ରସ୍ତୁତ ଅଛନ୍ତି । ଯଦି ସେମାନଙ୍କୁ କୁହାଯାଏ ଯେ ତୁମେ ନିଜର ସବୁ ଧନସମ୍ପତିକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଦେଇ ଦିଅ । ତା'ହେଲେ ସେମାନେ ତତକ୍ଷଣାତ ଦେଇଦେବେ ।

ଏହା କେଉଁଠାରୁ ସୃଷ୍ଟି ହୋଇଗଲା ? ନିଶ୍ଚିତ ରୂପେ ଆ ଲୌସଲ୍ଲାହୁ ବିକାଫିନ୍ ଅବ୍ଦହୁ ଐଶୀବାଣୀ ଅବତୀର୍ଣ୍ଣ କରିଥିବା ଅସ୍ତିତ୍ୱ ଲୋକମାନଙ୍କ ହୃଦୟରେ ଏକ ପରିବର୍ତନ ସୃଷ୍ଟି କରିଦେଲା । ଅନ୍ୟଥା,ଏପରି କେଉଁ ଶକ୍ତି ଥିଲା ଯେ ହଜରତ ମସିହ ମଉଦ ଆ ସଙ୍କୁ ଏପରି ବର୍ଦ୍ଧିତ ଖର୍ଚ୍ଚର ପୂରଣ କରିବାର ପ୍ରତିଶୃତି ଦେଇଥାନ୍ତା,ଯେବେକି ହଜରତ ମସିହ ମଉଦ ଆ ସଙ୍କୁ ମାମୁଲି ଖର୍ଚ୍ଚ ପାଇଁ ବି ଚିନ୍ତା ଘାରୁଥିଲାା ପୁଣି (ସେହି ଅଲ୍ଲାଃ) ଉକ୍ତ ପ୍ରତିଶୃତିକୁ ପୂରଣ କରିକି ବି ଦେଖାଇଦେଲେ । ''

***(ଦାଓ୍ବତୁଲ୍ ଅମୀର, ପୃ-୩୪୫, ମୁଦ୍ରିତ ଜାନୁଆରୀ ୨୦୧୭)***

ପ୍ରୀୟ ପାଠକେ ! ମଣିଷର ପ୍ରାକୃତିକ ଅବସ୍ଥା ଅନ୍ତର୍ଗତ ଯେହେତୁ ମାମୁରିନେ ମିନଲ୍ଲାଃ (ଅଲ୍ଲାଃତାଲାଙ୍କ ନିକଟରୁ ପ୍ରେରିତ ହୋଇ ଆସିଥିବା ଦୂତମାନଙ୍କ) ଜୀବନ ମଧ୍ୟ ସୀମିତ ହୋଇଥାଏ । ତେଣୁ ଅଲ୍ଲାଃତାଲାଙ୍କର ପ୍ରାଚୀନ କାଳରୁ ଏ ପ୍ରଥା ଚଳି ଆସିଛି ଯେ ସେ ତା ମାମୁରୀନ୍ ତଥା ମୁରସିଲୀନ (ଅର୍ଥାତ ଅଲ୍ଲାଃଙ୍କ ଦୂତ ଏବଂ ଅବତାରଗଣଙ୍କୁ)ପ୍ରେରଣ କରିବାର ଉଦ୍ଦେଶ୍ୟକୁ ସର୍ବଦା ସେ ସେମାନଙ୍କ ଖଲିଫା ତଥା ଅନୁଗାମୀମାନଙ୍କ ଦ୍ୱାରା ପୂରଣ କରିଥାଏା

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଏବଂ ହଜୁର ଆ ସଙ୍କ ଆସିବାର ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରିବା ପାଇଁ ବିସ୍ତୃତ କାର୍ଯ୍ୟକ୍ରମ ଯେହେତୁ ବିଶ୍ୱବ୍ୟାପୀ ମିଶନ ରହିବା ସହିତ ଯୁଗ ଦୃଷ୍ଟିରୁ ଶତାବ୍ଦୀ ଶତାବ୍ଦୀ ର ସମୟ ଚାହୁଁଥିଲା, ତେଣୁ ତାହାର ପୂର୍ଣ୍ଣତା ହଜୁର ଆ ସଙ୍କ ମହାନ ଖଲିଫାମାନଙ୍କ ଦ୍ୱାରା ହେବା ଧାର୍ଯ୍ୟ ଥିଲା । ଏହି କାରଣ ଯୋଗୁଁ ଅଲ୍ଲାଃତାଲାଙ୍କ ତରଫରୁ ଲଗାତାର ହଜୁର ଆ ସଙ୍କୁ ତାଙ୍କ ଦେହାନ୍ତ ସମୟ ପାଖେଇ ଆସୁଥିବାର ଖବର ଦିଆଯାଉଥିଲା । ହଜୁର ନିଜର ପତ୍ରିକା "ଅଲୱସିୟତ''ରେ ଜମାତକୁ ସାନ୍ତ୍ୱନା ଦେଇ ଲେଖିଛନ୍ତି ଯେ :

"ତୁମମାନଙ୍କ ପାଇଁ ଦ୍ୱିତୀୟ କୁଦରତ(ଶକ୍ତି) କୁ ଦେଖିବା ମଧ୍ୟ ଜରୁରୀ ,ଏବଂ ତାହାର ଆଗମନ ତୁମମାନଙ୍କ ପାଇଁ ଉତମ ହେବ । କାରଣ ତାହା ହେଉଛି ସ୍ଥାୟୀ,ଯାହାର ଶୃଙ୍ଖଳା କୟାମତ ପର୍ଯ୍ୟନ୍ତ ଭଙ୍ଗିବ ନାହିଁ । ଏବଂ ସେହି ଦ୍ୱିତୀୟ କୁଦରତ ସେପର୍ଯ୍ୟନ୍ତ ଆସିପାରିବ ନାହିଁ ଯେପର୍ଯ୍ୟନ୍ତ ମୁଁ ନଯାଇଛି । କିନ୍ତୁ ମୁଁ ଯେବେ ଯିବି ସେତେବେଳେ ଅଲ୍ଲାଃ ସେହି ଦ୍ୱିତୀୟ କୁଦରତକୁ ତୁମମାନଙ୍କ ପାଇଁ ପ୍ରେରଣ କରିଦେବେ,ଯାହା ସର୍ବଦା ତୁମ ସହିତ ରହିବା ଯେମିତି କି ବରାହୀନେ ଅହେମଦୀୟାଃ (ପୁସ୍ତକ)ରେ ଅଲ୍ଲାଃତାଲାଙ୍କର ପ୍ରତିଶୃତି ଉଲ୍ଲେଖ ରହିଛି ....ମୈଁ ଇସ ଜମାତ କୋ ଯୋ ତେରେ ପୈରୋ ହେଁ କୟାମତ ତକ ଦୁସରୋଁ ପର ଗଲବାଃ ଦୁଁଗା । ସୋ ଜରୁର ହୈ କେ ତୁମ ପର ମେରୀ ଜୁଦାଇ କା ଦିନ ଆୱେ ତା ବାଦ ଉସକେ ୱହ ଦିନ ଆୱେ ଯୋ ଦାଇମି ୱଦା କା ଦିନ ହୈ ।'' ***(ଅଲୱସିୟତ, ରୁହାନୀ ଖଜାଇନ୍, ଖ-୨୦, ପୃ-୩୦୫)*** ଅର୍ଥାତ- ମୁଁ ତୁମ ଅନୁଗାମୀମାନଙ୍କୁ କୟାମତ ଦିନ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ପ୍ରାଧାନ୍ୟ ଦେବି । ତେଣୁ ଏହା ନିଶ୍ଚିତ ଯେ ମୋଠାରୁ ଅଲଗା ହେବାର ଦିନ ତୁମମାନଙ୍କ ପାଇଁ ଆସିବ । ଫଳତଃ ସେହି ଦିନ ଆସିବ ଯାହା ହେଉଛି ସ୍ଥାୟୀ ପ୍ରତିଶୃତିର ଦିନ ।

ହଜୁର ଆ ସଙ୍କ ଉକ୍ତ ଭବିଷ୍ୟବାଣୀ ଅନୁଯାୟୀ ହଜୁରଙ୍କ ଦେହାନ୍ତ ପରେ ୨୭ ମଇ ୧୯୦୮ ମସିହାରେ ହଜରତ ମୌଲାନା ହକୀମ ନୁରୁଦ୍ଦୀନ ର ଅ ଜମାତର ପ୍ରଥମ ଖଲିଫା ଭାବରେ ମନୋନୀତ ହେଲେ,ଏବଂ ଅଲ୍ଲାଃତାଲାଙ୍କ ପ୍ରତିଶୃତି ମୁତାବକ ସେହି ମହାନ ଖିଲାଫତର ବ୍ୟବସ୍ଥା ଜାରି ହୋଇଗଲା,ଯାହା ପବିତ୍ର କୁରଆନ ଏବଂ ଆହାଦିସ ନବୱିୟାରେ ପ୍ରତିଶୃତି ଦିଆଯାଇଥିଲା । ଆଜି ଅଲ୍ଲାଃତାଲାଙ୍କ କୃପା ତଥା ଅନୁଗ୍ରହରୁ ହଜରତ ମସିହ ମଉଦ ଆ ସଙ୍କର ପଂଚମ ଖଲିଫାଙ୍କ ନେତୃତ୍ୱରେ ଜମାତ ଅହେମଦୀୟା ପ୍ରଗତିର ମହାନ ଲକ୍ଷକୁ ପାର କରିଚାଲିଛି । ଅଲହମଦୁଲିଲ୍ଲାଃ ।

ପଂଚମ ଖଲିଫାଙ୍କ ବୈଭବ ପୂର୍ଣ୍ଣ କାଳରେ ମହାନ ମିଶନାରୀ ପ୍ରୟାସର ସଂକ୍ଷିପ୍ତ ବିବରଣୀ ମଧ୍ୟ ଏଠାରେ ବର୍ଣ୍ଣନା କରିବା ଗୁରୁତ୍ୱପୂର୍ଣ୍ଣ ।

ସୟଦନା ହଜରତ ଖଲିଫତୁଲ ମସିହ ଅଲଖାମିସ୍ (ପଂଚମ) ଅ ବ ଅ ଖଲିଫତୁଲ ମସିହ ଭାବରେ ମନୋନୀତ ହେବା ପରେ ଏ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ଇସଲାମର ବାର୍ତା ପହଂଚାଇବା ନିମନ୍ତେ ପ୍ରିଂଟ ମିଡିଆ ଏବଂ ଡିଜିଟାଲ୍ ଇଲୋକ୍ଟ୍ରୋନିକ ମିଡିଆ ମାଧ୍ୟମରେ ଏକ ଅଭିଯାନ ଆରମ୍ଭ କରିଦେଲେ । ତାହାଙ୍କ ମାର୍ଗଦର୍ଶନରେ ଜମାତ ଅହେମଦୀୟା ମୁସଲିମାଃର ଜାତୀୟ ଅଧ୍ୟାୟ ଏପରି ପ୍ରୟାସ ଜାରି ରଖିଛି ଯେ ଯେଉଁଥିରୁ ଇସଲାମର ପ୍ରକୃତ ତଥା ଶାନ୍ତିପୂର୍ଣ୍ଣ ଶିକ୍ଷା ବିସ୍ତାର ହୋଇଚାଲିଛି । ଅହେମଦୀ ମୁସଲମାନମାନେ ମୁସଲମାନ ତଥା ଅଣମୁସଲମାନ ଜଗତରେ ଶାନ୍ତି ସ୍ଥାପନ ପାଇଁ ଲକ୍ଷ ଲକ୍ଷ କୋଟି କୋଟି ଇସ୍ତେହାର ବଂଟନ କରିବାରେ ନିୟୋଜିତ ରହିଛନ୍ତି ।

ସର୍ବଧର୍ମ ସମନ୍ୱୟ ତଥା ଶାନ୍ତି ସଭା ଅନୁଷ୍ଠିତ ହେଉଅଛି,ଏବଂ ପବିତ୍ର କୁରଆନର ପ୍ରଦର୍ଶନୀ ଆୟୋଜନ କରାଯାଉଛି,ଫଳତଃ ପବିତ୍ର କୁରଆନର ପବିତ୍ର ବାର୍ତା ଏ ବିଶ୍ୱବାସୀଙ୍କ ନିକଟରେ ପହଂଚିପାରିବ । ଏହି ପବିତ୍ର ପ୍ରଚେଷ୍ଟାକୁ ସାରା ଦୁନିଆର ମିଡିଆରେ ପ୍ରଶିଦ୍ଧି ମିଳୁଅଛି ଏବଂ ଏହା ପ୍ରମାଣିତ ହେଉଅଛି ଯେ ଇସଲାମ ହେଉଛି ଶାନ୍ତି, ଦେଶପ୍ରେମ ଏବଂ ମାନବସେବାର ଧ୍ୱଜାବାହକ ।

ହଜୁର ଅନୱର ଅ ବ ଅ ୨୦୦୪ ମସିହାରେ ବାର୍ଷିକ ଜାତୀୟ ସମ୍ମିଳନୀ ଆରମ୍ଭ କରିଥିଲେ,ଯାହା ବିଭିନ୍ନ ବର୍ଗର ଲୋକମାନଙ୍କୁ ଏକତ୍ର କରି ସେଥିରେ ଶାନ୍ତି ଏବଂ ସୌହାର୍ଦ୍ଧ୍ୟ ପୂର୍ଣ୍ଣ ଭାବନାକୁ ପ୍ରୋତ୍ସାହିତ କରିଥାଏ । ସେହି କନଫେରେନ୍ସରେ ପ୍ରତି ବର୍ଷ ସଂସଦର ମନ୍ତ୍ରୀ ପରିଷଦଗଣ, ରାଜନେତାଗଣ ଧାର୍ମିକ ନେତାଗଣ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନେ ଯୋଗ ଦେଇଥାନ୍ତି ।

ସୟଦନା ହଜରତ ଅମୀରୁଲ ମୁମିନିନ ଅ ବ ଅ ଇସଲାମର ପ୍ରକୃତ ଶିକ୍ଷା ସହିତ ଏ ବିଶ୍ୱବାସୀଙ୍କୁ ପରିଚିତ କରାଇବା ପାଇଁ ବିଭିନ୍ନ ଦେଶର ପାର୍ଲିଆମେଂଟ ତଥା ଶାନ୍ତି ସମ୍ମିଳନୀଗୁଡିକୁ ସମ୍ବୋଧନ କରୁଛନ୍ତି । ତାଙ୍କର ଭାଷଣ ଏତେ ପ୍ରଭାବଶାଳୀ ହୋଇଥାଏ ଯେ ଅଣ-ମୁସଲିମ ରାଜନେତାମାନେ ଏବଂ ସମ୍ପ୍ରଦାୟିକ ଧାର୍ମିକ ନେତାଗଣ ତାଙ୍କର ଉତ୍କର୍ଷତା ଏବଂ ଉପଲବ୍ଧିକୁ ସ୍ୱୀକାର ନକରି ରହିପାରୁ ନାହାନ୍ତି । ଏହି ପରିପ୍ରେକ୍ଷୀରେ ଆପଣ ଅ ବ ଅ ବ୍ରିଟେନର ସଂସଦ, ମିଲିଟାରି ହେଡ୍ କ୍ୱାଟରସ୍ କୋବଲସ୍ ଜର୍ମାନୀ, କ୍ୟାପିଟାଲ୍ ହିଲ୍ ୱାଶିଂଟନ ଆମେରିକା, ୟୁରୋପୀୟନ ପାର୍ଲିଆମେଂଟ ବ୍ରିସଲସ୍ ବେଲଜିୟମ୍, ହେମବର୍ଗ ଜର୍ମାନୀ ଏବଂ ନ୍ୟୁଜିଲ୍ୟାଣ୍ଡ୍ ପାର୍ଲିଆମେଂଟ ୱେଲିଂଟନ୍ ଇତ୍ୟାଦିକୁ ସମ୍ବୋଧନ କରିସାରିଛନ୍ତି ।

ସେହିପରି ସୟଦନା ହଜୁର ଅନୱର ଅ ବ ଅ ବିଶ୍ୱର ପ୍ରମୁଖ ରାଜନୈତିକ ତଥା ଧାର୍ମିକ ନେତାମାନଙ୍କୁ ଇସଲାମର ଶାନ୍ତିପୂର୍ଣ୍ଣ ଶିକ୍ଷା ବିଷୟରେ ଅବଗତ କରାଇ ସେମାନଙ୍କୁ ଏ ଦୁନିଆରେ ବ୍ୟାପି ଯାଇଥିବା ଅଶାନ୍ତିକୁ ଦୂର କରିବା ତଥା ପ୍ରକୃତ ନ୍ୟାୟ ସ୍ଥାପନ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ଏହି ପରିପ୍ରେକ୍ଷିରେ ଆପଣ ଅ ବ ଅ ପୋପ୍ ବେନେଡିକ୍ଟ XIV, ଇସ୍ରାଇଲର ପ୍ରଧାନମନ୍ତ୍ରୀ, ଇସଲାମିକ ରିପବ୍ଲିକ୍ ଇରାନର ରାଷ୍ଟ୍ରପତି, ଆମେରିକାର ରାଷ୍ଟ୍ରପତି,କାନାଡାର ପ୍ରଧାନମନ୍ତ୍ରୀ, ମକ୍କା ଓ ମଦିନାର ସେବକ ସାଉଦି ଆରବର ସମ୍ରାଟ,ପିପୁଲ୍ସ ରିପବ୍ଲିକ ଅଫ୍ ଚାଇନାର ପ୍ରଧାନମନ୍ତ୍ରୀ,ବ୍ରିଟେନର ପ୍ରଧାନମନ୍ତ୍ରୀ, ଜର୍ମାନୀର ଚ୍ୟାନସେଲର୍,ଫ୍ରାନ୍ସର ରାଷ୍ଟ୍ରପତି, ଗ୍ରେଟ ବ୍ରିଟେନର ରାଣୀ,ଇସଲାମିକ ରିପବ୍ଲିକ ଇରାନର ନେତା ତଥା ଋଷିୟ ଫେଡରେଶନର ରାଷ୍ଟ୍ରପତିଙ୍କ ନାମରେ ଚିଠି ଲେଖିଛନ୍ତି ।

ଏହା ବ୍ୟତୀତ ହଜୁର ଅନୱର ଅ ବ ଅ ନିକଟ ଅତୀତରେ ଅନୁଷ୍ଠିତ ହୋଇଥିବା ଜଲସା ସାଲାନାଃ ୨୦୨୨ ଅବସରରେ କେବଳ ଏକ ବର୍ଷ ମଧ୍ୟରେ ଜମାତ ଅହେମଦୀୟା ଯେଉଁ ଉନ୍ନତି ଓ ବିକାଶ କରିଛି, ସେ ପ୍ରସଙ୍ଗରେ ଅତି ଚମତ୍କାର ନକ୍ସା ଟାଣିଛନ୍ତି। ଏହା ହଜରତ ମସିହ ମଉଦ ଆ ସ ଙ୍କ ସତ୍ୟତା ତଥା ଖିଲାଫତ ଅହେମଦୀୟାର ସତ୍ୟତାର ମୂକ ସାକ୍ଷୀ ଓ ପ୍ରମାଣ ଅଟେ । ତାହା ଏକଥାର ମଧ୍ୟ ପ୍ରମାଣ ଯେ ସୟଦନା ୱ ମୌଲାନା ହଜରତ୍ ମୁହମ୍ମଦ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ହଜରତ୍ ଇମାମ ମେହେଦୀ ଏବଂ ମସିହ ମଉଦ ଆଲୈସଲାତୁ ସଲାମ ଙ୍କ ଆଗମନ ଏବଂ ତାଙ୍କର ଆଧିପତ୍ୟ ବିଷୟରେ ଯେଉଁ ଭବିଷ୍ୟବାଣୀ କରିଥିଲେ,ତାହା ମଧ୍ୟ ସତ୍ୟ ସାବ୍ୟସ୍ତ ହେଲା ।

କେବଳ ଏକ ବର୍ଷ ମଧ୍ୟରେ ହୋଇଥିବା ବିକାଶର ବିବରଣୀକୁ ବର୍ଣ୍ଣନା କରି ହଜୁର ଅନୱର ଅ ବ ଅ କହିଲେ ଯେ ଅଲ୍ଲାଃତାଲାଙ୍କ କୃପାରୁ ଏ ବର୍ଷ ପାକିସ୍ତାନ ବ୍ୟତୀତ ବାକି ସାରା ବିଶ୍ୱରେ ୩୫୫ ଟି ନୂଆ ଜମାତ ପ୍ରତିଷ୍ଠା କରାଯାଇଅଛି । ତା ବ୍ୟତୀତ ୮୫୫ଟି ନୂଆ ସ୍ଥାନରେ ପ୍ରଥମ ଥର ପାଇଁ ଅହେମଦୀୟତର ଚାରା ରୋପଣ ହୋଇଛି । ୪୦ଟି ନୂଆ ଜମାତ ସ୍ଥାପନ ହେବା ସହିତ କଙ୍ଗୋ କାନ୍ସାସା ସୂଚୀର ଉପରେ ରହିଛି । ତାଞ୍ଜାନିଆ ଦ୍ୱିତୀୟ ସ୍ଥାନରେ ଏବଂ ସିରିଆଲିଓନ ତୃତୀୟ ସ୍ଥାନରେ ରହିଛି । ଚଳିତ ବର୍ଷ ଜମାତ ଅହେମଦୀୟା କୁ ଅଲ୍ଲାଃତାଲାଙ୍କ ନିକଟରେ ଯେଉଁ ମସଜିଦଗୁଡିକ ଉପସ୍ଥାପନ କରିବାର ସୌଭାଗ୍ୟ ମିଳିଛି ସେହି ମସଜିଦଗୁଡ଼ିକର ମୋଟ ସଂଖ୍ୟା ହେଉଛି ୨୦୯ । ସେଥିମଧ୍ୟରୁ ୧୪୭ଟି ନୂତନ ମସଜିଦ ନିର୍ମାଣ କରାଯାଇଛି ଏବଂ ୬୨ଟି ମସଜିଦ୍ ଗୋଟାପଣେ ମିଳିଛି । ଚଳିତ ବର୍ଷ ଆଫ୍ରିକାର ଘାନା ଦେଶରେ ୨୦ଟି ମସଜିଦ ନିର୍ମାଣ କରାଯାଇଛି ଏହିପରି ଭାବରେ ସେଠାରେ ମୋଟ ମସଜିଦର ସଂଖ୍ୟା ୭୬୨ରେ ପହଂଚି ସାରିଛି । ସିରିଆଲିଓନରେ ମସଜିଦର ସଂଖ୍ୟା ହେଉଛି ୧୫୫୬ । ଯେବେକି ନାଇଜେରିଆରେ ୧୪୦୦ ଏବଂ ବେଲଜିୟମ ଦେଶରେ ଏବର୍ଷ ପ୍ରଥମ ନିର୍ମିତ ମସଜିଦ, ମସଜିଦ ନୂରର ଉଦଘାଟନ କରାଯାଇଛି । ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ମିଶନ ହାଉସର ସଂଖ୍ୟାରେ ୧୨୩ଟିର ବୃଦ୍ଧି ଘଟିଛି । ମିଶନ ହାଉସ୍ ଏବଂ ମୁବଲ୍ଲିଗ କ୍ୱାଟରସ୍ ନିର୍ମାଣ କ୍ଷେତ୍ରରେ ପ୍ରଥମ ସ୍ଥାନରେ ସିରିଆଲିଓନ ଦେଶ ଏବଂ ତାଞ୍ଜାନିଆ ଅଛନ୍ତି । ଯେବେକି ଦ୍ୱିତୀୟ ନଂରେ ବେନିନ ଏବଂ ତୃତୀୟରେ ଘାନା ରହିଛି । ଏବର୍ଷ ପବିତ୍ର କୁରଆନର ସ୍ପାନିଶ୍ ଅନୁବାଦ ମୁଦ୍ରିତ ହୋଇଥିଲା । ସେହିପରି ହଜରତ୍ ମୌଲବୀ ଶେରଅଲୀ ସାହେବ ର ଅଙ୍କ ଇଂଗ୍ରାଜୀ ଅନୁବାଦକୁ ନୂଆ ଖତେ ମଞ୍ଜୁର ଫଂଟ ସହିତ ମୁଦ୍ରିତ କରାଯାଇଛି । ହଜରତ୍ ମସିହ ମଉଦ ଆ ସଙ୍କ ପାଂଚଟି ପୁସ୍ତକର ଇଂଗ୍ରାଜୀ ଅନୁବାଦ କରାଯାଇଛି । ଏତତବ୍ୟତୀତ ମଲଫୁଜାତ ଖ-୧୦ ଏବଂ ହଜରତ୍ ଖଲିଫତୁଲ ମସିହ ଅୱଲ୍ (ପ୍ରଥମ ଖଲିଫା) ର ଅଙ୍କ ଲିଖିତ ରଦ୍ଦେ ତନାସିଖ୍ ର ଇଂଗ୍ରାଜୀ ଅନୁବାଦ କରାଯାଇଛି । ଆରବୀ ଡେସ୍କ କୁ ଏବର୍ଷ ହଜରତ୍ ମସିହ ମଉଦ ଆ ସ ଙ୍କ ୧୨ଟି ପୁସ୍ତକର ଆରବି ଭାଷାରେ ଅନୁବାଦ କରି ପ୍ରିଂଟିଂ କରିବାର ସୌଭାଗ୍ୟ ମିଳିଛି । ଅଲ୍ଲାଃତାଲାଙ୍କ କୃପାରୁ ରୁହାନୀ ଖଜାଇନ୍ ର ୮୮ଟି ପୁସ୍ତକ ମଧ୍ୟରୁ ୭୮ଟି ପୁସ୍ତକର ହିନ୍ଦି ଭାଷାରେ ଅନୁବାଦ ପ୍ରକାଶ କରାଯାଇଛି । ସେହିପରି ହଜରତ୍ ମସିହ ମଉଦ ଆ ସ ଙ୍କ ୭୨ଟି ପୁସ୍ତକ ଜର୍ମାନୀ ଭାଷାରେ ପ୍ରକାଶିତ ହୋଇଛି । ଚଳିତ ବର୍ଷ ୫୦୫ ଟି ବିଭିନ୍ନ ପୁସ୍ତକ, ପାମ୍ଫଲେଟ ଏବଂ ଫୋଲ୍ଡର୍ସ ଇତ୍ୟାଦି ୪୬ଟି ଭାଷାରେ ପ୍ରକାଶିତ ହେବା ସହିତ ୬୭ ଲକ୍ଷ ୧୯ ହଜାର ୩୭୨ ସଂଖ୍ୟାରେ ଛପାଯାଇଥିଲା । ଯେଉଁ ଦଶଟି ଦେଶରେ ସବୁଠାରୁ ଅଧିକା ସଂଖ୍ୟାରେ ଲିଟରେଚର ପ୍ରକାଶିତ ହୋଇଥିଲା, ସେମାନଙ୍କ ମଧ୍ୟରେ ଜର୍ମାନୀ ଏକ ନମ୍ବରରେ ରହିଛି । ହଲାଣ୍ଡ ଦ୍ୱିତୀୟ ନଂରେ ଏବଂ ୟୁକେ ତୃତୀୟ ନଂରେ ରହିଛି । ୨୨ଟି ଦେଶକୁ ୪୭ ଭାଷାରେ ଏକ ଲକ୍ଷ ୨୫ ହଜାର ୧୧୦ ରୁ ବି ଅଧିକା ସଂଖ୍ୟାରେ ପୁସ୍ତକ ପ୍ରେରଣ କରାଯାଇଛି । ସେହି ପୁସ୍ତକର ମୋଟ ମୂଲ୍ୟ ହେଉଛି ୪ ଲକ୍ଷ ୩୦ ହଜାର ପାଉଣ୍ଡ । ଜମାତ ଜରିଆରେ ମାଗଣା ଲିଟରେଚର ୫୦୭୧ଟି,ବିଭିନ୍ନ ବିଷୟ ଉପରେ ଆଧାରିତ ପୁସ୍ତକ ତଥା ଫୋଲ୍ଡର୍ସ ୪୭ ଲକ୍ଷ ୫୧ ହଜାର ସଂଖ୍ୟାରେ ମାଗଣା ବଂଟନ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family,*
*Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2023-2025 Vol.8 Thursday 23-30 MARCH 2023 Issue No.12-13

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)

କରାଯାଇଛି ଏବଂ ତାହା ଜରିଆରେ ସାରା ଦୁନିଆରେ ୮୨ ଲକ୍ଷ ୯୨ ହଜାରରୁ ଅଧିକା ସଂଖ୍ୟକ ଲୋକମାନଙ୍କ ନିକଟରେ ଜମାତର ବାର୍ତା ପହଂଚିଛି । ପୃଥିବୀର ୧୦୧ ଦେଶରେ ଏପର୍ଯ୍ୟନ୍ତ ୧୦୬ରୁ ଅଧିକା ମର୍କଜ ଏବଂ ରିଜିଓନାଲ ଲାଇବ୍ରେରୀ ପ୍ରିତିଷ୍ଠା କରାଯାଇଅଛି । ଅଲ୍ଲାଃତାଲାଙ୍କ କୃପାରୁ ଏବର୍ଷ ରକିମ ପ୍ରେସ୍ ଫର୍ଣ୍ଣହାମକୁ ବହୁ ସଂଖ୍ୟାରେ ଜମାତି ପୁସ୍ତକ ଏବଂ ଲିଟରେଚର ମୁଦ୍ରଣ କରିବାର ସୌଭାଗ୍ୟ ମିଳିଛି । ସେଠାରେ ଛପାଯାଇଥିବା ପୁସ୍ତକର ସଂଖ୍ୟା ହେଉଛି ୨ ଲକ୍ଷ ୨୯ ହଜାର ରୁ ବି ଅଧିକା । ଏହା ବ୍ୟତୀତ ରିସାଲା ଅନସାରୁଦ୍ଦୀନ୍ , ଅଲନୁସରତ୍, ୱକଫେ ନୌର ପତ୍ରିକାମାନ ଯଥା ମରିୟମ ଏବଂ ଇସମାଇଲ୍ , ଛୋଟ ଛୋଟ ପାମ୍ପଲେଟ୍ସ, ଲିଫ୍ ଲେଟ୍ସ ଏବଂ ଜମାତି କାର୍ଯ୍ୟାଳୟର ଷ୍ଟେସନାରୀ ଇତ୍ୟାଦି ଛାପିବାର ସୌଭାଗ୍ୟ ମିଳିଛି । ଆଫ୍ରିକାର ସାତଟି ଦେଶରେ ପ୍ରତିଷ୍ଠା ହୋଇଥିବା ଅହେମଦୀୟା ପ୍ରିଂଟିଂ ପ୍ରେସଗୁଡିକ ୫ ଲକ୍ଷ ୭୧ ହଜାର ରୁ ବି ଅଧିକା ଲିଟରେଚର ଏବଂ ପୁସ୍ତକ ପ୍ରକାଶିତ ହୋଇଛି । ଚଳିତ ବର୍ଷ ୧୦୨ ଟି ଦେଶରେ ମୋଟ ୭୬ ଲକ୍ଷ ୧୧ ହଜାରରୁ ଉର୍ଦ୍ଧ୍ୱ ଲିଫ ଲେଟ୍ସ ବଂଟନ କରାଯାଇଛି । ଏହା ମାଧ୍ୟମରେ ଏକ କୋଟି ୧୬ ଲକ୍ଷ ୯୦ ହଜାରରୁ ଅଧିକା ଲୋକମାନଙ୍କ ନିକଟରେ ବାର୍ତା ପହଂଚିଲା । ଏହି କାର୍ଯ୍ୟରେ ଜର୍ମାନୀ ଏକ ନଂରେ ରହିଛି । ତାପରେ ୟୁ କେ ପୁଣି ଅଷ୍ଟ୍ରେଲିୟା ରହିଛି । ୦୬ ହଜାର ୪୧ ଟି ପ୍ରଦର୍ଶନୀ ମାଧ୍ୟମରେ ୯ ଲକ୍ଷ ୨୯ ହଜାର ରୁ ଅଧିକା ଲୋକଙ୍କ ନିକଟରେ ଇସଲାମେ ଅହେମଦୀୟତ ର ବାର୍ତା ପହଂଚାଇବାର ସୌଭାଗ୍ୟ ମିଳିଲା । ପବିତ୍ର କୁରଆନର ୧୨୩୪ ଖଣ୍ଡ ଅନୁବାଦକୁ ବିଭିନ୍ନ ଅତିଥିମାନଙ୍କୁ ଉପହାର ସଦୃଶ ପ୍ରଦାନ କରାଯାଇଛି । ୪୮୨୦ଟି ବୁକ ଷ୍ଟଲ୍ ଏବଂ ବୁକ ଫେୟାର୍ ଜରିଆରେ ୧୧ ଲକ୍ଷ ୩୪ ହଜାରରୁ ଉର୍ଦ୍ଧ୍ୱ ଲୋକମନଙ୍କ ନିକଟରେ ବାର୍ତା ପହଂଚିଲା । ସମ୍ପ୍ରତି ବିଶ୍ୱରେ ଜମାତ ଏବଂ ଜେଲି ତନଜିମ ଅନ୍ତର୍ଗତ ୨୪ ଟି ଭାଷାରେ ୧୨୦ଟି ଶିକ୍ଷାଗତ, ତାଲିମ ଏବଂ ସୂଚନାଯୋଗ୍ୟ ନିବନ୍ଧ ଉପରେ ପରିବେଷ୍ଟିତ ଖବରକାଗଜ ଏବଂ ପତ୍ରିକାମାନ ପ୍ରକାଶ ହୋଇଚାଲିଛି । ୨୭ ମଈ ୨୦୧୯ରୁ ସପ୍ତାହରେ ଦୁଇଦିନ ନିୟମିତ ଭାବରେ ପ୍ରକାଶ ହେଉଥିବା ଖବରକାଗଜ ଅଲଫଜଲ୍ ଇଂଟରନ୍ୟାସନ୍ୟାଲ୍ କୁ ଚଳିତ ବର୍ଷ ପାଂଚଟି ବିଶେଷାଙ୍କ ସମେତ ୧୦୧ଟି ସଂଖ୍ୟା ପ୍ରକାଶ କରିବାର ସୌଭାଗ୍ୟ ମିଳିଛି । ଏବର୍ଷ ତାହାର ୱେବସାଇଟ, ଟ୍ୱିଟର ଏବଂ ଫେସବୁକ ଜରିଆରେ ୩ କୋଟି ୭୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କ ନିକଟରେ ବାର୍ତା ପଂହଚିଛି । ଇଂଗ୍ରାଜୀ ଭାଷାଭାଷି ଲୋକମାନଙ୍କ ପାଇଁ ପ୍ରକାଶିତ ହେଉଥିବା ସାପ୍ତାହିକ ପତ୍ରିକା ଅଲହକମ୍ ପାଠକ/ପାଠିକାମାନଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟୁଅଛି । ମିଡିଆ ଅର୍ଗାନାଇଜେସନ୍ ମର୍ଯ୍ୟାଦା ପ୍ରାପ୍ତ କରିଥିବା ରିଭ୍ୟୁ ଅଫ୍ ରଲିଜିଅନ୍ସ, ଯାହାର ଶୁଭାରମ୍ଭ ହଜରତ ମସିହ ମଉଦ ଆ ସ ୧୯୦୨ ମସିହାରେ କରିଥିଲେ । ତାହାକୁ ଏବେ ୧୨୦ ବର୍ଷ ବିତିଗଲାଣି । ଏହି ପତ୍ରିକା ଇଂଗ୍ରାଜୀରେ ମାସିକ, ଜର୍ମାନୀ ଭାଷାରେ ପ୍ରତି ଦୁଇ ମାସରେ ଯେବେକି ଫ୍ରେଂଚ ତଥା ସ୍ପେନୀୟ ଭାଷାରେ ତ୍ରୟ ମାସିକ ପ୍ରକାଶ ହେଉଅଛି । ଚଳିତ ବର୍ଷ ଏହି ପତ୍ରିକା ଇଂଗ୍ରାଜୀ, ଫ୍ରେଂଚ, ସ୍ପାନିଶ୍ ଏବଂ ଜର୍ମାନୀ ଭାଷାରେ ୨ ଲକ୍ଷରୁ ଅଧିକା ସଂଖ୍ୟାରେ ଛପା ଯାଇଛି । ଲଣ୍ଡନରୁ ପ୍ରକାଶିତ ହେଉଥିବା ଦୈନିକ ଅଲଫଜଲ୍ ଅନଲାଇନ୍ ଇନ୍‌ଷ୍ଟାଗ୍ରାମ,ଟ୍ୱିଟର, ଫେସବୁକ ଷ୍ଟାଟସ ଏବଂ ପି ଡି ଏଫ୍ ଜରିଆରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ପାଠକ/ପାଠିକା ସାମିଲ ହୋଇଛନ୍ତି । ଚଳିତ ବର୍ଷ ୨୯୧ ଟି ଖବର ଏବଂ ପ୍ରବନ୍ଧ ପ୍ରକାଶ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା,ଯାହା ଜରିଆରେ ଏକ ଭରସାଯୋଗ୍ୟ ଆକଳନ ଅନୁସାରେ ୩ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ପର୍ଯ୍ୟନ୍ତ ଜମାତର ବାର୍ତା ପହଂଚିଛି । ପବିତ୍ର କୁରଆନର ସର୍ଚ୍ଚ କରିବା ନିମନ୍ତେ OpenQuran.com ୱେବସାଇଟକୁ ଆହୁରି ଅଧିକା ଉନ୍ନତ କରାଯାଇଛି । ଅଲଇସଲାମ୍ ୱେବସାଇଟରେ ପବିତ୍ର କୁରଆନ ପାଠ କରିବା ତଥା ଶୁଣିବା ନିମନ୍ତେ ନୂତନ ମୋବାଇଲ ଆପ୍ଲିକେଶନ ReadQuran.app ଭର୍ସନ ଲଂଚ ହୋଇଛି । ୱେବସାଇଟରେ ଇଂଗ୍ରାଜୀ ଭାଷାରେ ୩୩୦ ଏବଂ ଉର୍ଦ୍ଦୁ ଭାଷାରେ ଏକ ହଜାର ପୁସ୍ତକ ଉପଲବ୍ଧ ରହିଛି । ଇଂଗ୍ରାଜୀ ଭାଷାରେ ୦୬ଟି ନୂତନ ପୁସ୍ତକ ଆପଲ୍, ଗୁଗୁଲ୍ ଏବଂ ଆମାଜମ ରେ ପ୍ରକାଶିତ ହୋଇଛି । ଏପର୍ଯ୍ୟନ୍ତ ୯୧ଟି ପୁସ୍ତକ ଏହି ପ୍ଲାଟଫର୍ମରେ ପ୍ରକାଶିତ ହୋଇସାରିଛି । ଉର୍ଦ୍ଦୁ ଏବଂ ଇଂଗ୍ରାଜୀ ଭାଷାରେ ୧୭ ଟି ନୂତନ ଅଡିଓ ପୁସ୍ତକ ପ୍ରସ୍ତୁତ କରାଯାଇଅଛି । ସେହିପରି ଏପର୍ଯ୍ୟନ୍ତ ଉର୍ଦ୍ଦୁ ଭାଷାରେ ୮୨ଟି ଏବଂ ଇଂଗ୍ରାଜୀ ଭାଷାରେ ୫୧ଟି ପୁସ୍ତକର ଅଡିଓ ଫାଇଲ୍ସ ପ୍ରସ୍ତୁତ ହୋଇସାରିଛି । ହଜୁର ଅନୱର ଅ ବ ଅଙ୍କ ଖୁତବା ଜୁମା ୨୦ଟି ଭାଷାରେ ଅଡିଓ ଏବଂ ଭିଡିଓ ଉଭୟ ଉପଲବ୍ଧ । ଅଲ୍ଲାଃତାଲାଙ୍କ ଅନୁଗ୍ରହରୁ ବର୍ତମାନ ସାରା ଦୁନିଆରେ ୱାକିଫିନେ ନୈଙ୍କ ସଂଖ୍ୟା ହେଉଛି ୭୮ ହଜାର । ସେଥି ମଧ୍ୟରୁ ୪୫ ହଜାର ୮୩୨ ହେଉଛନ୍ତି ପୁଅ ଏବଂ ୩୨ ହଜାର ୧୬୮ ହେଉଛନ୍ତି ଝିଅ । ଏ ବର୍ଷ ଯେଉଁ ଅଭିଭାବକ ମାନେ ନୂଆ ଦରଖାସ୍ତ ଦେଇଥିଲେ ଏବଂ ସେମାନଙ୍କ ଦରଖାସ୍ତକୁ ମଞ୍ଜୁର କରି ପଠାଇଦିଆ ଯାଇଛି,ସେହି ଦରଖାସ୍ତଗୁଡିକର ସଂଖ୍ୟା ହେଉଛି ୩୫୧୯ । ଅଲ୍ଲାଃତାଲାଙ୍କ କୃପାରୁ ଏହି ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଛି । ଏମ ଟି ଏ ଇଂଟରନ୍ୟାଶନ୍ୟାଲ୍ ର ୧୬ ଟି ବିଭାଗ ରହିଛି । ୫୦୩ ଜଣ କର୍ମଚାରୀ ଅଛନ୍ତି । ସେହି କର୍ମଚାରୀମାନଙ୍କ ମଧ୍ୟରେ ୨୬୯ ଜଣ ପୁରୁଷ ଏବଂ ୧୪୪ ଜଣ ମହିଳା ଅଛନ୍ତି । ୮୦ ଜଣ କର୍ମଚାରୀ ଏପରି ଅଛନ୍ତି ଯେଉଁମାନଙ୍କୁ ଦରମା ଦିଆ ଯାଉଛି । ଏମ ଟି ଏ ଆଫ୍ରିକା ଜରିଆରେ ବିଭିନ୍ନ ଆଫ୍ରିକୀୟ ଦେଶରେ ୧୨ଟି ଷ୍ଟୁଡିଓ ଏବଂ ବ୍ୟୁରୋ ସ୍ଥାପନ କରାଯାଇଛି । ସେଥିରେ ୧୫୦ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ଅଲ୍ଲାଃଙ୍କ ଦୟାରୁ ପୃଥିବୀର ବିଭିନ୍ନ ଦେଶ ପାଇଁ ଏମ ଟି ଏ ର ୮ ଗୋଟି ଚ୍ୟାନେଲ ୨୪ ଘଂଟା ପ୍ରସାରଣ ହେଉଛି ଏବଂ ୨୩ଟି ଭାଷାରେ ପ୍ରୋଗ୍ରାମଗୁଡିକର ଅନୁବାଦ କରି ସିଧା ପ୍ରସାରଣ କରିଚାଲିଛି । କେନିଆ, ରୱାଣ୍ଡା ଏବଂ ମାଉଟ ଆଇଲ୍ୟାଣ୍ଡରେ ୩ଟି ନୂଆ ଷ୍ଟୁଡିଓ ନିର୍ମାଣ କରାଯାଇଛି । କ୍ୟାମେରୁନ ଦେଶରେ ଏମ ଟି ଏ କୁ କେବୁଲ ସିଷ୍ଟମ ଜରିଆରେ ଦେଖିବାକୁ ମିଳେ । ସମ୍ପ୍ରତି ଅଲ୍ଲାଃତାଲାଙ୍କ କୃପାରୁ ୨୫ଟି ଜମାତି ରେଡିଓ ଷ୍ଟେସନ ମଧ୍ୟରୁ ମାଲି ଦେଶରେ ୧୫ଟି,ବୁର୍କୀନାଫାସୋରେ ୪ଟି, ସିରିଆଲିଓନ ଦେଶରେ ୩ଟି ଏବଂ ତାଞ୍ଜାନିଆ, ଗାମ୍ବିଆ ଓ କଙ୍ଗୋ କାନ୍ସାରେ ଗୋଟିଏ ଗୋଟିଏ ରେଡିଓ ଷ୍ଟେସନ ରହିଛି । ଭଏସ୍ ଅଫ୍ ଇସଲାମ୍ ରେଡିଓ ଷ୍ଟେସନ୍ ଲଣ୍ଡନ ବ୍ୟତୀତ ବାହାର ଦେଶରେ ବି ବିସ୍ତାର କରାଯାଇଛି । ୨୪ ଘଂଟିଆ ପ୍ରସାରଣ ବ୍ୟତୀତ ୭୪ଟି ଦେଶରେ ଅନ୍ୟ ଟି ଭି କାର୍ଯ୍ୟକ୍ରମଗୁଡିକରେ ମଧ୍ୟ ଟି ଭି ଏବଂ ରେଡିଓ ମାଧ୍ୟମରେ ଜମାତର ବାର୍ତାକୁ ପ୍ରସାରଣ କରୁଛନ୍ତି । ଏ ବର୍ଷ ୨୬୮୬ଟି ପ୍ରୋଗ୍ରାମ ଟି ଭି ଜରିଆରେ ୨୫୧୯ ଘଂଟା ପ୍ରସାରଣ କରିବାକୁ ସମୟ ମିଳିଥିଲା । ଯେବେକି ରେଡିଓ ଷ୍ଟେସନ ଜରିଆରେ ୧୭୨୦୪ ଟି ପ୍ରୋଗ୍ରାମ ୨୪୭୬୨ ଘଂଟା ଧରି ପ୍ରସାରଣ କରାଯାଇଛି । ଗୋଟିଏ ଭରସା ଯୋଗ୍ୟ ସଂରକ୍ଷିତ ଅନୁମାନ ଅନୁସାରେ ଏହି ପ୍ରୋଗ୍ରାମଗୁଡିକ ଜରିଆରେ ୩୪ କୋଟିରୁ ଅଧିକା ଲୋକମାନଙ୍କ ନିକଟରେ ଜମାତର ବାର୍ତା ପହଂଚିଛି ।

ଆଫ୍ରିକାର ୧୨ଟି ଦେଶରେ ୩୭ଟି ଡାକ୍ତରଖାନା ଏବଂ କ୍ଲିନକ କାର୍ଯ୍ୟ କରୁଛନ୍ତି । ୪୮ ଜଣ କେନ୍ଦ୍ରୀୟ ତଥା ୩୪ ଜଣ ସ୍ଥାନୀୟ ଡାକ୍ତର ସେବା ଯୋଗାଇ ଚାଲିଛନ୍ତି । ଏବେ ଗୋଟିଏ ଡେଂଟାଲ କ୍ଲିନକ ଲାଇବେରିଆ ଦେଶରେ ଆରମ୍ଭ କରାଯାଇଛି । ଆଫ୍ରିକାର ୧୧ଟି ଦେଶରେ ୬୧୫ଟି ପ୍ରାଇମେରୀ ମିଡଲ ସ୍କୁଲ (ଅର୍ଥାତ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ) ରହିଛି । ସେହିପରି ୧୦ଟି ଦେଶରେ ୮୦ଟି ସେକେଣ୍ଡାରୀ ସ୍କୁଲ କାର୍ଯ୍ୟକରୁଥିବା ବେଳେ ନାଇଜେରିଆ ଦେଶରେ ପ୍ରଥମ ଅହେମଦୀୟା କ୍ଲିନିକର ଶୁଭାରମ୍ଭ କରାଯାଇଛି ।

ହଜରତ୍ ଖଲିଫତୁଲ ମସିହ ଅମୀରୁଲ ମୁମିନିନ୍ ଅ ବ ଅ ଙ୍କ ଦ୍ୱାରା ଉପସ୍ଥାପିତ ଅହେମଦୀୟା ଜମାତର ବିକାଶ ତଥା ଅଗ୍ରଗତିର ଏକ ଝଲକ ଏ କଥାର ମୂଖ ସାକ୍ଷୀ ଯେ ଅଲ୍ଲାଃତାଲା ପ୍ରତି କ୍ଷେତ୍ରରେ ଜମାତର ଉନ୍ନତି ଓ ବିକାଶ କରାଇ ଜମାତ ଉପରେ ନିଜର ଆଶୀର୍ବାଦା କରିଚାଲିଛନ୍ତି । ଜମାତର ଧନ ଓ ଜନରେ ଆଶୀର୍ବାଦପୂର୍ଣ୍ଣ ବୃଦ୍ଧି ହୋଇଚାଲିଛି ।

⌘⌘⌘⌘⌘⌘⌘⌘⌘⌘

### ତୃଟି ସଂଶୋଧନ

ଓଡ଼ିଆ ବଦର ସଂଖ୍ୟା ନଂ-(୧୦-୧୧) ୦୯-୧୬ ମାର୍ଚ୍ଚ ୨୦୨୩ ର ପୃଷ୍ଠା ନଂ ୦୩ ରେ ପ୍ରଦତ ଖୁତବା ଜୁମାଟି ହେଉଛି ଅସଲରେ ୦୭ ଅକ୍ଟୋବର ୨୦୨୨ ତାରିଖର ଖୁତବା ଜୁମା କିନ୍ତୁ ସେଠାରେ ଭୂଲ ବଶତଃ ୨୩ ସେପ୍ଟେମ୍ବର ୨୦୨୨ ଲେଖାଯାଇଛି । ଏପରି ଅନିଚ୍ଛାକୃତ ତୃଟି ପାଇଁ କ୍ଷମା ଚାହୁଁଛି । ପାଠକ/ପାଠିକାଙ୍କୁ ଅନୁରୋଧ ଏହାକୁ ଠିକ ଭାବରେ ପାଠ କରି ସଂଶୋଧନ କରିନେବେ ।

***(ସବ୍ ଏଡିଟର ସାପ୍ତାହିକ ଓଡ଼ିଆ ବଦର)***

### ହଦିସ୍ ନବଓ୍ୱି ସ:ଆ:ସ

‘‘ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ’’

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan